**ବିଦ୍ୟୁତ୍ ଆଘାତରେ ଜୀବନ ଗଲା**

ବାସୁଦେବପୁର, (ନାରାୟଣ ପ୍ରସାଦ ବାରିକ୍)- ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା ଅଧୀନ ୧୪ ନଂ. ୱାର୍ଡ ସୁକଦେବପୁର ଗ୍ରାମରେ ଶନିବାର ବିଦ୍ୟୁତ୍ ଆଘାତରେ ଦୀନବନ୍ଧୁ ସୂତାର ନାମକ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ନିଜ ଘରେ ସେ କାମ କରୁଥିବା ବେଳେ ଅସାବଧାନତାବଶତଃ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ତାଙ୍କୁ ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବିଧାୟକଙ୍କ ପ୍ରତିନିଧି ଅସିତ ଦାଶ, ଯୁବନେତା ମାନସ ସାହୁ, ଜିଲା କଂଗ୍ରେସ ସଭାପତି ଅଶୋକ କୁମାର ଦାସ ପ୍ରମୁଖ ପହଞ୍ଚିଥିଲେ।

# ୫୦ ହଜାର ରୁଦ୍ରାକ୍ଷରେ ଗଜାନନ

■ଫ୍ରେଣ୍ଡସ ୟୁନିୟନ କ୍ଲବ୍ ଗଣେଶପୂଜା

■୭ ଶହ ଟଙ୍କାରୁ ଆରମ୍ଭ ହୋଇଥିଲା ପୂଜା



ବାରିପଦା,୧୬।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ସହରର ତୁଳସୀଚଉରାରେ ଫ୍ରେଣ୍ଡସ ୟୁନିୟନ କ୍ଲବ୍‌ର ସଦସ୍ୟମାନେ ଚଳିତ ବର୍ଷ ଗଣେଶ ପୂଜା ଧୁମଧାମରେ ପାଳନ କରୁଛନ୍ତି। ଚଳିତବର୍ଷ ୧୫ ଫୁଟର ଗଜାନନ ମୃଣ୍ମୟ ମୂର୍ତ୍ତି ହେଉଥିବା ବେଳେ ଏଥିରେ ୫୦ହଜାର ରୁଦ୍ରାକ୍ଷ ବ୍ୟବହାର କରାଯାଉଛି। ଅଗ୍ରପୂଜ୍ୟ ଗଣନାଥଙ୍କ ପୂଜା ପାଇଁ ସାରା ଅଞ୍ଚଳ ଉତ୍ସବମୁଖର ହୋଇପଡ଼ିଛି।

ମହାରାଷ୍ଟ୍ରରେ ପ୍ରଚଳିତ ଗଣେଶପୂଜା ସଦୃଶ ଉତ୍ତର ଓଡ଼ିଶାର ବାରିପଦାର ତୁଳସୀଚଉରାରେ ୫ଦିନ ଧରି ପୂଜାବିଧି ଅନୁଷ୍ଠିତ ହେବ। ଏ ନେଇ କମିଟି ପକ୍ଷରୁ ସମସ୍ତ ପ୍ରସ୍ତୁତି ଆଗେଇ ଚାଲିଛି। ପ୍ରତିଦିନ ସନ୍ଧ୍ୟାରେ ଭକ୍ତଙ୍କ ପାଇଁ ଅନ୍ନଭୋଗର ବ୍ୟବସ୍ଥା କରାଯାଇଛି। ୧୫ବର୍ଷ ପୂର୍ବେ ୨୦ ଜଣ ସଦସ୍ୟଙ୍କୁ ନେଇ କ୍ଲବ୍ ଗଠନ କରି ମାତ୍ର ୭ ଶହ ଟଙ୍କାରେ ପ୍ରଥମ ବର୍ଷ ପୂଜା ସମ୍ପାଦିତ ହୋଇଥିଲା। ଚଳିତବର୍ଷ ୧୭ ତମ ପୂଜାରେ ୯ ଶହ ସଦସ୍ୟଙ୍କୁ ନେଇ ପୂଜାରେ ୨୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। ୧ମାସ ପୂର୍ବରୁ ମୂର୍ତ୍ତି ତିଆରି ଚାଲିଥିବା ବେଳେ ରୁଦ୍ରାକ୍ଷରେ ଗଣେଶଙ୍କ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମୂର୍ତ୍ତି ନିର୍ମାଣରେ ୭୫ ହଜାର ଟଙ୍କା ଖର୍ଚ୍ଚ କରାଯାଉଛି। ୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୨୮ଟି ମୃଦଙ୍ଗକୁ ନେଇ ୬୦ଫୁଟ ଉଚ୍ଚର ଆକର୍ଷଣୀୟ ତୋରଣ ସାଙ୍ଗକୁ ୪ଲକ୍ଷ ଟଙ୍କାରେ ଲାଇଟ୍ ଓ ସାଉଣ୍ଡ ବ୍ୟବସ୍ଥା କରାଯାଇଛି। ପୂଜାମଣ୍ଡପ ସହ ରାସ୍ତାଘାଟ ଓ ମେଳା ପଡ଼ିଆ ଆଲୋକମାଳାରେ ଅଞ୍ଚଳ ସଜ୍ଜିତ ହୋଇଛି। ଜାତୀୟସ୍ତରୀୟ ଡ୍ୟାନ୍ସ ପ୍ରତିଯୋଗିତା ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ମଞ୍ଚ ପ୍ରସ୍ତୁତ ହୋଇଛି। ୮ଦିନ ଧରି ମଞ୍ଚରେ ଝାଡ଼ଖଣ୍ଡ, ବିହାର, ପଶ୍ଚିମବଙ୍ଗ ଓ ରାଜ୍ୟର ବହୁ କଳାକାର ସାମିଲ ହୋଇ ନିଜର କଳା ପ୍ରଦର୍ଶନ କରିବେ। ଓଡ଼ିଶାର ସୁନାମଧନ୍ୟ ପ୍ରବଚକ ଜିତୁ ଦାଶଙ୍କ ପ୍ରବଚନ ମୁଖ୍ୟ ଆକର୍ଷଣ ରହିଥିବା ବେଳେ ଲୋକପ୍ରିୟ କଣ୍ଠଶିଳ୍ପୀଙ୍କ ସଙ୍ଗୀତରେ ଭକ୍ତ ଓ ଦର୍ଶକ ମନଭରି ଆନନ୍ଦ ଉଠାଇବେ ବୋଲି କର୍ମକର୍ତ୍ତାମାନେ ଜଣାଇଛନ୍ତି। ସେହିପରି ୧୦ଦିନ ଧରି ଚାଲିବାକୁ ଥିବା ମେଳାରେ ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ସହ ଘରୋଇ ଉପକରଣ, ମ୍ୟାଜିକ ଶୋ', ଦୋଳି ଓ ମିକି ମାଉସର ବ୍ୟବସ୍ଥା କରାଯାଇଛି। ମେଳା ସେପ୍ଟେମ୍ବର ୧୯ ରୁ ଆରମ୍ଭ ହୋଇ ୨୯ତାରିଖ ପର୍ଯ୍ୟନ୍ତ ଚାଲିବ। ୟୁନିୟନ ସଭାପତି ସୌମ୍ୟରଞ୍ଜନ ମିଶ୍ର ଓ ସମ୍ପାଦକ ଦେବାଶିଷ ଦାଶଙ୍କ ନେତୃତ୍ୱରେ ପୂଜା ପାଇଁ ସମସ୍ତ ପ୍ରସ୍ତୁତି କରାଯାଉଥିବା ବେଳେ ଅଧ୍ୟକ୍ଷ ରାକେଶ ବେହେରା, କୋଷାଧ୍ୟକ୍ଷ ଶ୍ରୀକାନ୍ତ ବାରିକ, ସଦସ୍ୟ ବୀରେନ୍ଦ୍ର ନାଥ, ବିଦ୍ୟାଧର ନାୟକ, ସନ୍ତୋଷ ଦାସ, ଦେବାଶିଷ ଲାଲ, ମନୋଜ ବାରିକ, ରମାକାନ୍ତ ଥାଟୋଇ, ସୁଦର୍ଶନ ପାତ୍ର, ରତିକାନ୍ତ ଦାସ, ଚାନ୍ଦ ମୁଲ୍ଲା, ପବିତ୍ର ଗିରି, ଶିବଶଙ୍କର ବେହେରା, ନିହାର ରଞ୍ଜନ ନାୟକ, ଚାନ୍ଦ ମୁଲ୍ଲା, ସେକ୍ ଆୟୁବ, ଶୁଭ୍ରାଂଶୁ ଶେଖର ସାହୁ, ଶିବଶଙ୍କର ବେହେରା, ମନୋଜ ମହାପାତ୍ର, ରାହୁଲ ସିଂ, ରବି ସିଂ, ଭଗବାନ ବେହେରା, ସଞ୍ଜୟ ସିଂଙ୍କ ସମେତ କର୍ମକର୍ତ୍ତାମାନେ ସକ୍ରିୟ ଅଂଶଗ୍ରହଣ କରିଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
balasoreselfie@gmail.com



@ତପସ୍ୱିନୀ



@ଶଙ୍କର



@ଗୌତମ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ

## ବିଜେଡିର କର୍ମକର୍ତ୍ତା ବୈଠକ



ପାଟଣା ବିଧାୟକ ଜଗନ୍ନାଥ ନାଏକ ଓ ବିଜେଡି କର୍ମକର୍ତ୍ତା।

ପାଟଣା,୧୬।୯(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ମଲାରପଦା ପଞ୍ଚାୟତ ଜାମୁଦା ଗ୍ରାମରେ ଶନିବାର ବିଜେଡିର ପଞ୍ଚାୟତସ୍ତରୀୟ କର୍ମକର୍ତ୍ତା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଜେଡି ଜିଲା ଉପସଭାପତି କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଜଗନ୍ନାଥ ନାଏକ ଯୋଗଦେଇ ବିଜେଡି କର୍ମୀମାନେ ଗାଁକୁ ଗାଁ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗରିବୀ କଲ୍ୟାଣ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ସାହାରପଡ଼ା ବ୍ଲକ୍ ବିଜେଡି ସଭାପତି ଦିଲୀପ ସାହୁ, ବରିଷ୍ଠ ବିଜେଡି ନେତା ରାହାସ ବିହାରୀ ପୃଷ୍ଟି, ଜିଲା ବିଜେଡି କୃଷକ ମୋର୍ଚ୍ଚା ସଭାପତି ଦୀପକ ରାଜ, ବ୍ଲକ୍ ଅଧ୍ୟକ୍ଷା ରୀନା ନାୟକ, ପୂର୍ବତନ ସାହାରପଡ଼ା ବ୍ଲକ୍ ଉପାଧ୍ୟକ୍ଷା କିରଣବାଲା ସିଂ, ୨୯ ନଂ. ଜିଲା ପରିଷଦ ସଦସ୍ୟ ବୁଦ୍ଧଦେବ ମହାକୁଡ଼, ଜିଲା ବିଜେଡି ସମ୍ପାଦକ ହିମାଂଶୁ ଶେଖର ବେହେରା, ସାହାରପଡ଼ା ବ୍ଲକ୍ ଯୁବ ବିଜେଡି ସଭାପତି ସତ୍ୟନାରାୟଣ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

## ୩୦ ବର୍ଷରେ କୁଆଁସ ପିଲାଗଣେଶ ପୂଜା

ଭଦ୍ରକ,୧୬।୯ (ରବିନାରାୟଣ ଖିଲାର)

ପାଖେଇ ଆସୁଛି ଗଣେଶ ପୂଜା। ଏଥିପାଇଁ ବିଭିନ୍ନ ସ୍ଥାନରେ ପୂଜା କମିଟିଗୁଡ଼ିକ ପ୍ରସ୍ତୁତି ଜୋରଦାର କରିଛନ୍ତି। ମୂର୍ତ୍ତି ଗଢ଼ାଠାରୁ ଆରମ୍ଭ କରି ତୋରଣ, ମଣ୍ଡପ ସାଜସଜ୍ଜା ଉପରେ ଗୁରୁତ୍ୱ ଦେଉଛନ୍ତି। ଭଦ୍ରକ ସହରରେ ଏକ ମାସ ଧରି ପାଳନ ହେଉଥିବା ପିଲା ଗଣେଶ ପୂଜା ଏଥର ୩୦ବର୍ଷରେ ପହଞ୍ଚିଛି। ୧୯୯୩ରୁ ଏହି ପୂଜା ପାଳନ କରାଯାଇ ଆସୁଛି। ଭଦ୍ରକର କୁଆଁସଠାରେ ପିଲା ଗଣେଶଙ୍କ ପୂଜା ଉତ୍ସବ ନେଇ ବ୍ୟାପକ ପ୍ରସ୍ତୁତି ଚାଲିଛି। ଚଳିତବର୍ଷ କମିଟି ପକ୍ଷରୁ ଉତ୍ସବକୁ ଧୁମ୍‌ଧାମ୍‌ରେ ପାଳନ କରାଯାଉଛି। ଏଥିପାଇଁ କମିଟିର ସଭ୍ୟମାନଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ବିଶେଷକରି ଏଥର ପ୍ଲାଏରେ ତିଆରି ବହୁ ରଙ୍ଗବେରଙ୍ଗର ଚିତ୍ର ମାଧ୍ୟମରେ ବିଭିନ୍ନ ସଚେତନତା ବାର୍ତ୍ତା ଉପରେ ଗୁରୁତ୍ୱ ଦିଆଯାଇଛି।

ସାଳନ୍ଦୀ ପୋଲ ପାଖରୁ ପୂଜା ମଣ୍ଡପ ପର୍ଯ୍ୟନ୍ତ ସୁସଜ୍ଜିତ ଆଲୋକୀକରଣ ସାଙ୍ଗକୁ ସନ୍ଧ୍ୟା ସମୟରେ ମନୋରଞ୍ଜନ କାର୍ଯ୍ୟକ୍ରମ, ଭଜନ ସନ୍ଧ୍ୟା ପରିବେଷଣ କାର୍ଯ୍ୟକ୍ରମ ରହିଛି। ଏଠାରେ ପ୍ରତିଦିନ ଠାକୁରଙ୍କ ପାଖରେ ନିୟମାନୁଯାୟୀ ଭୋଗ ଲଗାଯାଏ। କମିଟି ସଭାପତି ସଞ୍ଜୀବ ଦାସ, ସମ୍ପାଦକ ପ୍ରଭାତ ମହାନ୍ତିଙ୍କ ସମେତ ପ୍ରାକ୍ତନ କାଉନସିଲର ରବୀନ୍ଦ୍ର ବେହେରା, ରାଜକୁମାର ସେଠୀ, ଅମରଜିତ୍ ରାଏ, ସୁରେନ୍ଦ୍ର ସେଠୀ, ବାପୁ ଦାସ, ସନ୍ତୋଷ ସେଠୀ, କମଳ ଲୋଚନ ଦାସ, ସୁରେନ୍ଦ୍ର ଲେଙ୍କା, ରାଜେନ୍ଦ୍ର ଲେଙ୍କା, ରାଜୀବ ଦାସ, ବାବୁଲି ଗୋଚ୍ଛାୟତ, ସରଜୁ ଜେନା, ବିଜୁ ସେନାପତି, ଦେବରାଜ ବିଶ୍ୱାଳ, ଅଭିନାଶ ପଟ୍ଟନାୟକ, ଶିବ ସେଠୀ, ସନ୍ତୋଷ ସେଠୀ, ସାର୍ଥକ ପ୍ରିୟଦର୍ଶନ ପ୍ରମୁଖ ପିଲା ଗଣେଶ କମିଟି ସଦସ୍ୟଙ୍କ ନେତୃତ୍ୱରେ ଏହି ପୂଜା ପାଳନ ହେବ।

## ଅଭିଭାବକ ଅଂଶୀଦାର କାର୍ଯ୍ୟକ୍ରମ



କୃତୀ ଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

**ତଳଚମ୍ପେଇ ଆଶ୍ରମ ବିଦ୍ୟାଳୟ**

କେନ୍ଦୁଝର,୧୬।୯(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ତଳଚମ୍ପେଇ ଆଶ୍ରମ ବିଦ୍ୟାଳୟରେ ଅଭିଭାବକ ଅଂଶୀଦାର (ପାପ) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁସ୍ମିତା ଶତପଥୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବରେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଜୟନ୍ତ ସାମନ୍ତସିଂହାର, ମୁଖ୍ୟ ବକ୍ତାଭାବରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅନୁରାଗ ବରାଳ ସମେତ ଅନ୍ୟମାନେ ଯୋଗଦେଇଥିଲେ। ଆମେ ଜାଣିବା ଆମେ ଜିଣିବା–ଆମେ ଗଢ଼ିବୁ ନୂଆ ଓଡ଼ିଶା ଶୀର୍ଷକ ବିଷୟରେ ଆଲୋଚନା ହୋଇଥିଲା। ଏହି ଅବସରରେ କୃଷି, ସ୍ୱାସ୍ଥ୍ୟ, ମିଶନ ଶକ୍ତି, ବନ ବିଭାଗ ଆଦି ଷ୍ଟଲ ଖୋଲାଯାଇଥିଲା। ଶିକ୍ଷୟିତ୍ରୀ ପୁଷ୍ପିତା ମଞ୍ଜରୀ ନାଏକ, ସବିତା ମାର୍ଣ୍ଡି, ଶିକ୍ଷକ ଧ୍ୟାନରଞ୍ଜନ ଦାସ, ବାଦଲ ଯେନା, ତ୍ରିଲୋଚନ ମହାନ୍ତ, ଶୁଆକାଟି ଆଶ୍ରମ ବିଦ୍ୟାଳୟର ଶିକ୍ଷକ ଶ୍ରୀକାନ୍ତ ବିଶ୍ୱାଳ, କେତାଙ୍ଗ ଆଶ୍ରମ ବିଦ୍ୟାଳୟର ଶିକ୍ଷକ ବିଜୟ ମଲ୍ଲିକ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି, ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠିତ ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ସୃଜନାତ୍ମକ ଲିଖନ ଓ ରଙ୍ଗୋଲୀ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ବିଜ୍ଞାନ ପ୍ରକଳ୍ପରେ ପ୍ରଦର୍ଶିତ 'ଚନ୍ଦ୍ରୟାନ'

**ବାସୁଦେବପୁର, ୧୬।୯ (ନାରାୟଣ ପ୍ରସାଦ ବାରିକ୍):** ଭଦ୍ରକ ଜିଲା ବାସୁଦେବପୁର ସହରସ୍ଥିତ ଶିଶୁ ବିହାର ଶିକ୍ଷାନୁଷ୍ଠାନ ପରିସରରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ ବିଜ୍ଞାନ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଜ୍ଞାନର ଆବଶ୍ୟକତା ଓ ଗୁରୁତ୍ୱ ସମ୍ପର୍କରେ ସେ ମତ ରଖି ଦୈନନ୍ଦିନ ଜୀବନରେ ବିଜ୍ଞାନର ଉପଯୋଗିତା ସର୍ବାଧିକ ବୋଲି କହିଥିଲେ। ବିଚାରକ ତଥା ଅନ୍ୟତମ ଅତିଥି ଭାବେ ବିଜ୍ଞାନ ଶିକ୍ଷକ ବିଜୟ କୁମାର ବେହେରା, ସମରେନ୍ଦ୍ର ବାରିକ ଓ ରତ୍ନମଞ୍ଜରୀ ଦାଶ ଯୋଗ ଦେଇଥିଲେ। ମେଳାରେ ମୋଟ ୪୯ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପ୍ରଦର୍ଶିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଷଷ୍ଠ ଶ୍ରେଣୀର ଛାତ୍ର ଆଶୁତୋଷ ନାୟକଙ୍କ 'ଚନ୍ଦ୍ରୟାନ' ପ୍ରକଳ୍ପ ଅତିଥିମାନଙ୍କୁ ଆକୃଷ୍ଟ କରିଥିଲା। ସ୍କୁଲ ବିଜ୍ଞାନ ପ୍ରମୁଖ ସୁନୀଲ କୁମାର ଦାଶ ସ୍ୱାଗତ ବକ୍ତବ୍ୟ ରଖିଥିବା ବେଳେ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ମହାରଣା ସଭାପତିତ୍ୱ କରିଥିଲେ। ନୀଳମାଧବ ଭୋଇ ଧନ୍ୟବାଦ ଦେଇଥିଲେ।




ବିଜ୍ଞାନ ମେଳାରେ ଜଣେ ଛାତ୍ର ପ୍ରକଳ୍ପରେ 'ଚନ୍ଦ୍ରୟାନ' ପ୍ରଦର୍ଶନ କରିଛନ୍ତି।

## 'ନୀଳ ଆକାଶ ନିମନ୍ତେ ସ୍ୱଚ୍ଛ ବାୟୁ' ଦିବସ



ବିଦ୍ୟାଳୟକୁ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ମାନପତ୍ର ପ୍ରଦାନ କରାଯାଉଛି।

ରୂପସା, ୧୬।୯(ବାଞ୍ଛାନିଧି ଦେ)

ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ୍ରମେ ବାଲେଶ୍ୱର ସଦର ବ୍ଲକ ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ କସିପଦା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଅନ୍ତର୍ଗତ ମହାପାତ୍ର ସରକାରୀ ଉଚ୍ଚବିଦ୍ୟାଳୟରେ 'ନୀଳ ଆକାଶ ନିମନ୍ତେ ସ୍ୱଚ୍ଛ ବାୟୁ' ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସରସ୍ୱତୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ମେଡ଼ିକାଲ ଅଫିସର ଡା. ଅସିତ କୁମାର ପ୍ରଧାନ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ପ୍ରଦୀପ କୁମାର ସାହୁ ଯୋଗଦେଇ ଦିବସର ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ସଚେତନ କରାଇଥିଲେ। ସ୍ୱାସ୍ଥ୍ୟ ପରିଦର୍ଶକ ସୁଶାନ୍ତ ମାଝି, ସ୍ୱାସ୍ଥ୍ୟ କର୍ମୀ ପ୍ରଦୀପ୍ତ ସିଂ, ଦିଲୀପ ସିଂ, ପ୍ରତିଭା ଗିରି ଓ ଶିକ୍ଷକ ମାୟାଧର ବେହେରା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ଉଚ୍ଚ ବିଦ୍ୟାଳୟସ୍ତରୀୟ ତମାଖୁ ମୁକ୍ତ ଅଭିଯାନ ସମ୍ପର୍କରେ କର୍ମଶାଳା ଆୟୋଜିତ ହୋଇଥିଲା। ଅନୁଷ୍ଠିତ ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟକୁ ତମାଖୁମୁକ୍ତ ଶିକ୍ଷାନୁଷ୍ଠାନ ଘୋଷଣା କରାଯାଇ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ମାନପତ୍ର ପ୍ରଦାନ କରାଯାଇଥିଲା।

# ୧୧ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ମେଧାବୃତ୍ତି

**'ଡିଏମ୍‌ଏଫ୍ ଛାତ୍ରବୃତ୍ତି-୨୦୨୩'**

■'ଜିଲା ପ୍ରଶାସନର ଏକ ପ୍ରଶଂସନୀୟ ଉଦ୍ୟମ'

■କେନ୍ଦୁଝର ପିଲାଙ୍କ ପଢ଼ାରେ ଅର୍ଥ ବାଧକ ହେବନାହିଁ: ଜିଲାପାଳ




ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି, ପାଟଣା ବିଧାୟକ ଜଗନ୍ନାଥ ନାଏକ ଓ ମେଧାବୃତ୍ତି ପାଇଥିବା ଛାତ୍ରୀଛାତ୍ରମାନେ।

କେନ୍ଦୁଝର,୧୬।୯(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଜିଲା ଅଡିଟୋରିୟମଠାରେ ଶନିବାର ଡିଏମ୍‌ଏଫ ଛାତ୍ରବୃତ୍ତି–୨୦୨୩ ଆବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଜିଲାପାଳ ଆଶିଷ ଠାକ୍‌ରେଙ୍କ ଅଧ୍ୟକ୍ଷତାରେ ସମାରୋହରେ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ମୁଖ୍ୟ ଅତିଥିଭାବେ ଯୋଗଦେଇ ଯେଉଁ ଦେଶର ଶିକ୍ଷା ବ୍ୟବସ୍ଥା ଯେତେ ସୁଦୃଢ଼, ସେ ଦେଶ ସେତେ ଆଗକୁ ଯିବ। ଏହି ଉଦ୍ଦେଶ୍ୟରେ ଓଡ଼ିଶା ସରକାର ରାଜ୍ୟର ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ୫–ଟି ଉପକ୍ରମରେ ସ୍କୁଲ ରୂପାନ୍ତରଣଠାରୁ ଆରମ୍ଭ କରି ଅତ୍ୟାଧୁନିକ ଶିକ୍ଷାଦାନ ପଦ୍ଧତିର ବ୍ୟବହାର ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ବିଭିନ୍ନ ଐତିହାସିକ ନିଷ୍ପତ୍ତି ଆଜି ସୁଫଳ ଆଣିଛି। ଏ ଦିଗରେ କେନ୍ଦୁଝର ଜିଲା ପ୍ରଶାସନ ଏବଂ ଜିଲା ଖଣିଜ ପ୍ରତିଷ୍ଠାନ ଦ୍ୱାରା ସ୍ୱତନ୍ତ୍ର ଡିଏମ୍‌ଏଫ ଛାତ୍ରବୃତ୍ତି ପ୍ରଦାନ କରାଯିବା ଏକ ପ୍ରଶଂସନୀୟ ଉଦ୍ୟମ ବୋଲି କହିଥିଲେ। ଜିଲା ଖଣିଜ ପ୍ରତିଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ପ୍ରାରମ୍ଭରେ ସ୍ୱାଗତ ସମ୍ଭାଷଣ ଦେଇଥିଲେ। ସମ୍ମାନିତ ଅତିଥିଭାବେ କେନ୍ଦୁଝର ଡିଏଫଓ ଧନରାଜ ଏଚ୍‌ଡି, ଏସ୍‌ପି ନିତିନ କୁଶଳକର, ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଜଗନ୍ନାଥ ନାଏକ, ସଦର ବିଧାୟକ ମୋହନ ଚରଣ ମାଝୀ ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ। ଜିଲାପାଳ କହିଥିଲେ, ଶିକ୍ଷା ବ୍ୟବସ୍ଥାର ସୁଦୃଢ଼ିକରଣ ଦିଗରେ ମୁଖ୍ୟମନ୍ତ୍ରୀ ଅଧିକ ଗୁରୁତ୍ୱ ଦେଇଆସିଛନ୍ତି। ସମାନ ପଥକୁ ଅନୁସରଣ କରି କେନ୍ଦୁଝର ଜିଲାର ଛାତ୍ରୀଛାତ୍ରଙ୍କ ପଢ଼ାରେ ଆର୍ଥିକ ସହଯୋଗ ପାଇଁ କାର୍ଯ୍ୟ ଜାରି ରଖିଛୁ। ଏହି ଅବସରରେ ବିଭିନ୍ନ ବର୍ଗରେ ମୋଟ ୧୧ ହଜାର ୮୫୬ ଜଣ ଛାତ୍ରୀଛାତ୍ରଙ୍କୁ ୧୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଛାତ୍ରବୃତ୍ତି ରାଶି ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥିଙ୍କ ଉପସ୍ଥିତିରେ ମେଧାବୀ ଛାତ୍ରୀଛାତ୍ରଙ୍କ ବ୍ୟାଙ୍କ ଆକାଉଣ୍ଟକୁ ରାଶି ସ୍ଥାନାନ୍ତରଣ ଏବଂ ଡିଏମଏଫ ଛାତ୍ରବୃତ୍ତି ପ୍ରଦାନ ପାଇଁ ସ୍ୱତନ୍ତ୍ର ପୋର୍ଟାଲ(scholarship. dmfkeonjhar.in)ର ଶୁଭାରମ୍ଭ ହୋଇଥିଲା। ମାଟ୍ରିକ ପରୀକ୍ଷାରେ ସଫଳତା ହାସଲ କରିଥିବା ୯,୯୯୧ ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ମୋଟ ୧୪.୪୭ କୋଟି ଟଙ୍କା ପ୍ରଦାନ କରାଯାଇଥିବା ବେଳେ ୧୩ ବ୍ଲକ୍‌ର ଟପର୍ ମୁଖ୍ୟ ଅତିଥିଙ୍କଠାରୁ ପ୍ରମାଣପତ୍ର ଗ୍ରହଣ କରିଥିଲେ। ଓଡ଼ିଶା ଆଦର୍ଶ ବିଦ୍ୟାଳୟରୁ ମାଟ୍ରିକ ପାସ କରିଥିବା ୩୮୯ ଜଣ ମେଧାବୀଙ୍କୁ ୭୩.୮୫ ଲକ୍ଷ ଟଙ୍କାର ଛାତ୍ରବୃତ୍ତି ରାଶି ପ୍ରଦାନ କରାଯାଇଥିବା ବେଳେ ୧୧ ଜଣ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର, ଉଚ୍ଚ ମାଧ୍ୟମିକ ବର୍ଗରେ ୧୪୭୨ ଜଣ ମେଧାବୀଙ୍କୁ ମୋଟ ୩.୩୩ କୋଟି ଟଙ୍କାର ଛାତ୍ରବୃତ୍ତି ରାଶି ପ୍ରଦାନ ସହ ୪ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ୪ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଆଇଆଇଟି ବମ୍ବେରେ ଅଧ୍ୟୟନରତ ଥିବା ମହେଶ୍ୱର ମହାଳିକ, ଭିମ୍‌ସାର ବୁର୍ଲାରେ ଅଧ୍ୟୟନରତ ଥିବା ଅରୁଣ ମହନ୍ତ ଭର୍ଚୁଆଲରେ ଯୋଡ଼ିହୋଇ ବାର୍ତ୍ତା ରଖିଥିଲେ। ସେମାନଙ୍କ ଅଭିଭାବକ ପ୍ରମାଣପତ୍ର ଗ୍ରହଣ କରିଥିଲେ। କେନ୍ଦୁଝର ଜିଲାରୁ ଓଡ଼ିଶା ସାଧାରଣ ସେବା(ଓସିଏସ)–୨୦୨୧ ପରୀକ୍ଷାରେ ସଫଳତା ପାଇଥିବା ୯ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଡାକ୍ତରଖାନା ପରିସରରେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ସୋର, ୧୬।୯(ଜନ୍ମେଜୟ ମିଶ୍ର)

ସୋର ଡାକ୍ତରଖାନାରେ ନୂତନ ଭାବେ ନିର୍ମିତ ହୋଇଥିବା ମହିଳା ଓ ଶିଶୁ ସୁରକ୍ଷା ଗୃହର ପ୍ରଥମ ମହଲା ସିଡ଼ି ପାହାଚ ନିକଟରେ ଜଣେ ଯୁବକଙ୍କ ସନ୍ଦେହଜନକ ଭାବରେ ମୃତ୍ୟୁ ଘଟିଛି। ସିଡି ପାହାଚରେ ଥିବା ରେଲିଂରେ ବେକରେ ଗାମୁଛା ଲଗାଇ ସେ ଝୁଲିଥିବା ଅବସ୍ଥାରେ ଲୋକେ ଦେଖିଥିଲେ। ପରେ ଡାକ୍ତରଖାନା ତରଫରୁ ସୋର ପୋଲିସକୁ ଖବର ଦିଆଯାଇଥିଲା। ସୋର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଉକ୍ତ ଯୁବକଙ୍କ ପରିଚୟ ମିଳି ନ ଥିବା ବେଳେ ଶୁକ୍ରବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ଡାକ୍ତରଖାନାର ସିକ୍ୟୁରିଟି ଗାର୍ଡମାନେ ଡାକ୍ତରଖାନା ପରିସରରେ ବୁଲୁଥିବା ବେଳେ ଏହି ଘଟଣା ଘଟିଛି। ଯୁବକଜଣଙ୍କ ଗୋଡ଼ ସମ୍ପୂର୍ଣ୍ଣ ରୂପେ ତଳେ ଲାଗିଥିବା ବେଳେ ସେ ଆତ୍ମହତ୍ୟା କରିଛନ୍ତି କି ତାଙ୍କୁ ହତ୍ୟା ପରେ ଏଠାରେ କେହି ଝୁଲାଇ ଦେଇଛି, ତାହା ସନ୍ଦେହଘେରରେ ରହିଛି।

## ସଂକ୍ଷେପରେ

### ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପାଉଁଶ
#### ଚୋରି ପରେ ଗୋଦାମ ଘରେ ନିଆଁ ଲଗାଇଦେଲେ



ପାଟଣା,୧୬।୯(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତୁରୁମୁଙ୍ଗା ବଜାରରେ ଥିବା ଏକ ଜୋତା ଗୋଦାମରେ ଦୁର୍ବୃତ୍ତ ଶୁକ୍ରବାର ରାତ୍ରିରେ ଚୋରି କରିବା ପରେ ନିଆଁ ଲଗାଇଦେଇଛନ୍ତି। ଫଳରେ ଗୋଦାମ ଘରେ ଥିବା ଲକ୍ଷାଧିକ ଟଙ୍କାର ଜୋତା ପୋଡ଼ି ନଷ୍ଟ ହୋଇଯାଇଛି। ଗୋଦାମ ମାଲିକ ସୁବଳ ସାହୁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ସୁବଳ ତୁରୁମୁଙ୍ଗା ବଜାରରେ ମମତା ନାମକ ଏକ ଜୋତା ଦୋକାନ କରିଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଜୋତା ଗୋଦାମରେରେ ପଶି ମୂଲ୍ୟବାନ ଜୋତା ଚୋରି କରି ନେଇଯିବା ପରେ ଗୋଦାମରେ ନିଆଁ ଲଗେଇଦେଇଥିଲେ। ସ୍ଥାନୀୟ ଲୋକଙ୍କ ଦ୍ୱାରା ନିଆଁକୁ ଆୟତ୍ତ କରାଯାଇଥିବା ବେଳେ ଶନିବାର ସକାଳୁ ତୁରୁମୁଙ୍ଗା ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

### ଶିକ୍ଷକଙ୍କ ମାଡ଼ରେ ଛାତ୍ର ଆହତ

ବାସୁଦେବପୁର, ୧୬।୯(ନାରାୟଣ ପ୍ରସାଦ ବାରିକ)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବରଣ୍ଡିଆ ପଞ୍ଚାୟତ ଜଗବନ୍ଧୁ ନୋଡାଲ ବିଦ୍ୟାପୀଠରେ ଶୁକ୍ରବାର ଶ୍ରେଣୀଗୃହରେ ଶିକ୍ଷକଙ୍କ ମାଡ଼ରେ ଜଣେ ଛାତ୍ର ଆହତ ହୋଇଛନ୍ତି। ଆହତ ଛାତ୍ର ହେଲେ ୧୦ମ ଶ୍ରେଣୀର ଦିବ୍ୟେନ୍ଦୁ ସ୍ୱାଇଁ। ଏନେଇ ତାଙ୍କ ବାପା ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏକ କଲମର କ୍ୟାପ୍ ଦିବ୍ୟେନ୍ଦୁଙ୍କ ହାତରୁ ଖସିଯାଇ ଅନ୍ୟ ଜଣେ ପିଲାଙ୍କ ଗାଲରେ ବାଜି ଯାଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ବିଦ୍ୟାଳୟର ଠିକା ଶିକ୍ଷକ ଜଣକ ତାଙ୍କୁ ମାଡ଼ ମାରିଥିଲେ। ଦିବ୍ୟେନ୍ଦୁଙ୍କ ହାତ ଓ ଦେହର ବିଭିନ୍ନ ସ୍ଥାନରେ ମାଡ଼ ଚିହ୍ନ ଦେଖିବାକୁ ମିଳିଥିବା ବେଳେ ତାଙ୍କ ବାପା ମନୋଜ କୁମାର ସ୍ୱାଇଁ ତାଙ୍କୁ ବାସୁଦେବପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଇଛନ୍ତି। ଏହି ଘଟଣାରେ ଉକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ଉକ୍ତ ଠିକା ଶିକ୍ଷକଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ।

### ୧୫୦ ଲିଟର ଦେଶୀ ମଦ ସହ ସ୍କୁଟି ଜବତ



ବାହାନଗା, ୧୬।୯(ଅରୂପ୍ କୁମାର ଦାସ)-ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ଅବକାରୀ ଥାନା ପକ୍ଷରୁ ଦେଢଶହ ଲିଟର ଦେଶୀ ମଦ ସହିତ ସ୍କୁଟି ଜବତ କରାଯାଇଛି। ଏନେଇ ଗୋପାଳପୁର ଅବକାରୀ ଥାନାରେ ଏକ ମାମଲା(ନଂ. ୯୯/୨୩) ରୁଜୁ କରାଯାଇଛି। ପୁରୁଣା ବାଲେଶ୍ୱରରୁ ଏକ ସ୍କୁଟି (ନଂ. ଓଡି-୦୧-ଏଜେ-୫୭୧୨) ଯୋଗେ ପୁରୁଣା ବାଲେଶ୍ୱରରୁ ସଲ୍ଟ ରୋଡ୍ ଦେଇ ଗୋପାଳପୁର ଅଞ୍ଚଳକୁ ଚୋରା ଦେଶୀମଦ ବିକ୍ରି କରିବା ପାଇଁ ଆଣୁଥିବା ବେଳେ ଶ୍ରୀଜଙ୍ଗସ୍ଥିତ ମା' ତାରିଣୀ ମନ୍ଦିର ନିକଟରେ ଗୋପାଳପୁର ଅବକାରୀ ଥାନା ଅଧିକାରୀ ସତ୍ୟ ସୁନ୍ଦର ମଲିକ୍ ସଦଳ ବଳେ ସେଠାରେ ଜଗି ରହିଥିବା ଦେଖି ମଦବେପାରୀ ଅନ୍ୟ ରାସ୍ତା ଦେଇ ଶ୍ରୀଜଙ୍ଗ ଗ୍ରାମ ଭିତରକୁ ପଳାଇଯାଉଥିଲେ। ତେବେ ସେହି ବେପାରୀଙ୍କୁ ଅବକାରୀ ପୋଲିସ୍ ଗୋଡାଇବା ବେଳେ ମଦ ବେପାରୀ ଜଣକ ମଦ ସହିତ ବ୍ୟବହୃତ କରୁଥିବା ସ୍କୁଟିକୁ ଛାଡି ପଳାଇଯାଇଥିଲେ। ଅବକାରୀ ଥାନା ପୋଲିସ ଗାଡି ସହିତ ଦେଢଶହ ଲିଟର ମଦ ବସ୍ତାକୁ ଶ୍ରୀଜଙ୍ଗ ଗ୍ରାମ ଭିତରୁ ଜବତ କରିଥିଲା।

# ମାସେ ପରେ ବାହାରିପଡିଲା ଚିପ୍‌ସ, ମେଟାଲ

- ସହଜପଦା-ପାଟୁଳି, ମଇତାପୁର-ପାଟୁଳି କେନାଲବନ୍ଧ ରାସ୍ତା
- ବ୍ୟୟ ହୋଇଥିଲା ୮କୋଟି ୪୮ଲକ୍ଷ
- ସୂଚନାଫଳକ ନାହିଁ

ସିମୁଳିଆ,୧୬।୯(ସନ୍ତୋଷ ନାୟକ)



ସହଜପଦାରୁ ପାଟୁଳି ପର୍ଯ୍ୟନ୍ତ ନିର୍ମିତ କେନାଲ ବନ୍ଧ।

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକରେ ୮କୋଟି ୪୮ଲକ୍ଷ ବ୍ୟୟ ଅଟକଳରେ ସହଜପଦାରୁ ପାଟୁଳି ଓ ମଇତାପୁରରୁ ପାଟୁଳି ପର୍ଯ୍ୟନ୍ତ କେନାଲ ବନ୍ଧ ରାସ୍ତାକୁ ପିଚୁ କରାଯିବାର ମାସକ ପରେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ସ୍ଥାନେ ସ୍ଥାନେ ଚିପ୍‌ସ, ମେଟାଲ ବାହାରିପଡିଛି। ଏନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରି ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନି।

ଭଦ୍ରକ ଜିଲାର ସାଳନ୍ଦୀ ଇରିଗେଶନ ଅଧୀନରେ ସିମୁଳିଆ ବ୍ଲକ ସଦରମହକୁମା ମାର୍କୋଣାରେ ସାଳନ୍ଦୀ ଜଳସେଚନ ଉପବିଭାଗ କାର୍ଯ୍ୟାଳୟ ରହିଛି। ସିମୁଳିଆରେ ଗୋଟାଏ ମୁଖ୍ୟ କେନାଲ ସମେତ ୯ଟି ମାଇନର କେନାଲ ଓ ୩୯ଟି ସବ୍ ମାଇନର କେନାଲରେ ଜଳ ପ୍ରବାହିତ ହେଉଛି। ମୋଟ ୧୬୦ କି.ମି. ପରିବ୍ୟାପ୍ତ ଅଞ୍ଚଳରେ ଏହି କେନାଲ ପ୍ରବାହିତ ହେଉଛି। ଏହି କେନାଲ ବିଭିନ୍ନ ଚାଷଜମିକୁ ଜଳ ଯୋଗାଉଥିବା ବେଳେ କେତେକ ସ୍ଥାନରେ ଏହି କେନାଲ ବନ୍ଧ ହିଁ ଜନସାଧାରଣଙ୍କ ଏକମାତ୍ର ଗମନାଗମନର ମାଧ୍ୟମ ହୋଇଛି। ସିମୁଳିଆ ବ୍ଲକ ବାଉରିପଦା ପଞ୍ଚାୟତ ଦେଇଯାଇଥିବା ଗୋପାଳପୁର ଡିଷ୍ଟ୍ରିବ୍ୟୁଟାରୀର ସହଜପଦାଠାରୁ ପାଟୁଳି ପର୍ଯ୍ୟନ୍ତ ୮କି.ମି. ରାସ୍ତା ପାଇଁ ୩କୋଟି ୫୧ଲକ୍ଷ ଟଙ୍କା ବ୍ୟୟ କରାଯାଇଛି । ଗତ ୧୦।୦୨।୨୩ରେ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ କାର୍ଯ୍ୟ ଆରମ୍ଭ କରାଯିବା ପାଇଁ ଶିଳାନ୍ୟାସ କରିଥିଲେ। କେନାଲ ବନ୍ଧର ଏହି ରାସ୍ତା ପାଟୁଳି ଦେଇ ୧୬ନଂ. ଜାତୀୟ ରାଜପଥକୁ ମଧ୍ୟ ସଂଯୋଗ କରିଛି। କେନାଲ ବନ୍ଧରେ ନିର୍ମିତ ପିଚୁ ସଡ଼କ ବିଭିନ୍ନ ଚାଷ ଜମି ଓ ଜନସାଧାରଣଙ୍କ ଗମନାଗମନ ମାଧ୍ୟମ ହୋଇଥିବା ବେଳେ ସଡକ ନିର୍ମାଣର ମାସେ ପରେ ଏହି ରାସ୍ତାରୁ ଚିପ୍‌ସି, ମେଟାଲ ବାହାରି ପଡିବା ସହିତ ଗମନାଗମନରେ ବାଧା ସୃଷ୍ଟି ହୋଇଛି । ଠିକାଦାର ଏହାକୁ ଲୁଚାଇବା ପାଇଁ ବିଭିନ୍ନ ସ୍ଥାନରେ ବାଲି ଓ ନାଲି ମାଟି ପକାଇଥିବା ଦେଖାଯାଇଛି । ଏ ସମ୍ପର୍କରେ ସ୍ଥାନୀୟ ଡିଲି ଅଞ୍ଚଳର ୬୦ବର୍ଷୀୟା ଧରିତ୍ରୀ ମଲିକ କହନ୍ତି, ରାସ୍ତା ଖରାପ ନେଇ ଠିକାଦାରଙ୍କୁ ଦୋଷ ଦେଇଛନ୍ତି। ସ୍ଥାନୀୟ ବାଉରିପଦା ଅଞ୍ଚଳର ୮୨ ବର୍ଷୀୟ ପ୍ରଭାକର ଖଟୁଆ କହନ୍ତି, ଅଭିଯୋଗ କଲେ ମଧ୍ୟ କେହି ଶୁଣୁନାହାନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର ସମିତିସଭ୍ୟ ଗଜେନ୍ଦ୍ର ସେଠୀ କହନ୍ତି, ସରକାରଙ୍କ ଯୋଜନା ଲୋକଙ୍କ ପାଇଁ । ତେବେ ଆନ୍ତରିକତାର ଅଭାବ ଯୋଗୁ ନିମ୍ନମାନର କାମ ହୋଇଛି। ଏ ସମ୍ପର୍କରେ ବିଧାୟକ ଓ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି।

ସେହିପରି ୪କୋଟି ୯୭ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମାର୍କୋଣା ମାଇନର କେନାଲର ମଇତାପୁରରୁ ପାଟୁଳୀ ଦୀର୍ଘ ୯କି.ମି. ମଧ୍ୟରୁ ୫କି.ମି. ପିଚୁ ଓ ଅବଶିଷ୍ଟ ନାଲିଗୋଡ଼ି ଓ ରାଣିତାଲ ମାଇନରର ବଙ୍ଗାଳପୁରରୁ ବରି ପର୍ଯ୍ୟନ୍ତ ୨କି.ମି. ୭ଶହ ମିଟର ପିଚୁ କରାଯାଇଛି। ତେବେ ଉକ୍ତ କେନାଲ ବନ୍ଧରେ ମଧ୍ୟ ବିଭିନ୍ନ ସ୍ଥାନରେ ରାସ୍ତା ଫାଟିଯାଇଥିବା ବେଳେ ଅନେକ ସ୍ଥାନରେ ଚିପ୍‌ସ ବାହାରିପଡିଛି । ସେହିପରି କ୍ଷୀରକୋଣା ମାଇନର ୫କି.ମି. ପିଚୁ ରାସ୍ତା ନିର୍ମାଣ ପାଇଁ ୪କୋଟି ୬୮ଲକ୍ଷ ଓ ଏଡତାଳ ମାଇନରର ୩କି.ମି. ରାସ୍ତା ନିର୍ମାଣ ପାଇଁ ୫ କୋଟି ୮ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି । ତେବେ ରାସ୍ତା ଖରାପ ସମ୍ପର୍କରେ ବିଭାଗୀୟ ଅଧିକାରୀ ମନୋଜ ନାୟକଙ୍କୁ ପଚାରିବାରୁ ଖଇରା ଓ ଭଦ୍ରକ ଜିଲାର ବିଭିନ୍ନ କେନାଲ ସିମୁଳିଆ ବ୍ଲକ ମଧ୍ୟରେ ପ୍ରବାହିତ ହେଉଛି ଓ ସୀମା ଅନୁସାରେ ଚିହ୍ନଟ ହୋଇଛି। ତେବେ କେତେକାଂଶରେ ଠିକାଦାରଙ୍କ କାମ ପରେ ବର୍ଷା ହୋଇଯାଇଥିବାରୁ ମେଟାଲ ଓ ଚିପ୍‌ସ ବାହାରି ପଡ଼ିଥିବାର ସେ କହିଛନ୍ତି।

# ମୟୂରଭଞ୍ଜ ଏମ୍‌ପି ସିଟ୍ ଦିବ୍ୟାଙ୍ଗ ପାଇଁ ସଂରକ୍ଷଣ ଦାବି

ବାରିପଦା,୧୬।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲାର ସାଂସଦ ସିଟ୍ ଦିବ୍ୟାଙ୍ଗଙ୍କ ନିମନ୍ତେ ସଂରକ୍ଷିତ କରିବା ପାଇଁ ଦାବି ଉପସ୍ଥାପନ କରାଯାଇଛି। ଏ ନେଇ ମୟୂରଭଞ୍ଜ ଦିବ୍ୟାଙ୍ଗ କଲ୍ୟାଣ ସଂଘ ପକ୍ଷରୁ ଶନିବାର ବାରିପଦାଠାରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସମ୍ବିଧାନ ନିୟମ ଅନୁଯାୟୀ ଜଣେ ଦିବ୍ୟାଙ୍ଗଙ୍କୁ ମଧ୍ୟ ଦେଶର ଅନ୍ୟ ନାଗରିକଙ୍କ ପରି ସମାନ ଅଧିକାରୀ ପ୍ରଦାନ କରାଯାଇଛି। କିନ୍ତୁ ସ୍ୱାଧୀନତା ଅନେକ ବର୍ଷ ପରେ ଦେଶ ଆଜାଦୀ କି ଅମୃତ ମହୋତ୍ସବ ପାଳନ କରୁଥିବା ବେଳେ ଦିବ୍ୟାଙ୍ଗଙ୍କ ସେହିପରି ବିକାଶ ଘଟିନାହିଁ। ଏ ନେଇ ଦିବ୍ୟାଙ୍ଗଙ୍କୁ ସଂସଦରେ ପ୍ରବେଶ କରିବାକୁ ସୁଯୋଗ ଦେବାକୁ ମୟୂରଭଞ୍ଜ ଜିଲାର ଏମ୍‌ପି ସିଟକୁ ଏସ୍‌ଟି ପରିବର୍ତ୍ତେ ଦିବ୍ୟାଙ୍ଗଙ୍କ ପାଇଁ ସଂରକ୍ଷିତ କରିବାକୁ ଦାବି ହୋଇଛି। ସଂଘର ଜିଲା ସମ୍ପାଦକ ମନୋରଞ୍ଜନ ପାଳବାବୁଙ୍କ ନେତୃତ୍ୱରେ ଅନ୍ୟ ସଦସ୍ୟମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

# ହାଇସ୍କୁଲରେ ଖୋଲିଲା ମ୍ୟୁଜିକ ଟ୍ରୁପ୍



ମ୍ୟୁଜିକ୍ ଟ୍ରୁପ୍ ଉଦ୍‌ଘାଟନୀ ସଭାରେ ଅତିଥିମାନେ।

ଭଦ୍ରକ,୧୬।୯ (ସନାତନ ରାଉତ)

ଛାତ୍ରୀଛାତ୍ରଙ୍କୁ ପାଠପଢ଼ା ସାଙ୍ଗକୁ କ୍ରୀଡ଼ା, ଚିତ୍ରକଳା, ସଙ୍ଗୀତ ସହ ଅନ୍ୟାନ୍ୟ ଶିକ୍ଷାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶୁକ୍ରବାର ଧାମନଗର ବାଲିପାଟଣାସ୍ଥିତ ଜୟ କିଷାନ ନୋଡାଲ ହାଇସ୍କୁଲରେ ସଙ୍ଗୀତ ଓ ବାଦ୍ୟଯନ୍ତ୍ର ଶିକ୍ଷା ପାଇଁ 'ସାଧନା' ମ୍ୟୁଜିକ୍ ଟ୍ରୁପ୍ ଉଦ୍‌ଘାଟନ କରାଯାଇଛି। ବିଦ୍ୟାଳୟ ସଭାଗୃହରେ ସରପଞ୍ଚ ସରିତା ମହାନ୍ତି ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷକ ବିଜୟ କୁମାର ମିଶ୍ର ସଭାପତିତ୍ୱ କରିଥିବା ବେଳେ ପରିଚାଳନା କମିଟି ଚେୟାରମ୍ୟାନ ଆଲୋକ ପରିଡ଼ା, ପୂର୍ବତନ ଶିକ୍ଷକ ସଦାଶିବ ନାୟକ, ଘନଶ୍ୟାମ ମହାନ୍ତି ଓ ସଦସ୍ୟା ସଦସ୍ୟ ଯୋଗଦେଇ ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ। ପିଲାବେଳେ ସଙ୍ଗୀତ ପ୍ରତି ବହୁତ ଆଗ୍ରହ ଥିଲେ ବି ମାତ୍ର ୧୫ ଟଙ୍କା ଦେଇ ନ ପାରିବାରୁ ଭଦ୍ରକ ମନମୋହନ ସଙ୍ଗୀତ ପରିଷଦରେ ପଢ଼ିପାରି ନ ଥିଲେ ବୋଲି ପ୍ରଧାନ ଶିକ୍ଷକ ତାଙ୍କ ଅନୁଭୂତି କହିଥିଲେ। ପିଲାମାନଙ୍କୁ ସଙ୍ଗୀତ ଓ ଚିତ୍ରକଳା ଶିକ୍ଷା ପାଇଁ ଆଗ୍ରହ ଥିବାରୁ ଏପରି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ବରିଷ୍ଠ ଶିକ୍ଷକ ନୀରଦ ନାୟକ, ବିଶ୍ୱଜିତ ମଲ୍ଲିକ ସଞ୍ଚାଳନା କରିଥିବା ବେଳେ ଶିକ୍ଷକ ସନ୍ତୋଷ ଦ୍ୱାରି, ରାମସିଂ ଟୁଡୁ, ମୋହନ ମାଝୀ, ଜ୍ୟୋସ୍ନାରାଣୀ ନାୟକ, ପ୍ରେମଲତା ଦାସ, ଗୌତମ ସେଠୀ, ବିଜୟ ଗୋଛାୟତ ପ୍ରମୁଖ ସହଯୋଗ କରିଥିଲେ।

# 'ଅଶୋକଙ୍କ କବିତା, ଚିତ୍ରରେ ଥିଲା ଆବେଗ'



ଅତିଥିମାନେ ସ୍ମାରକୀ ଗ୍ରନ୍ଥ 'ଅଶୋକାୟନ' ଲୋକାର୍ପଣ କରୁଛନ୍ତି।

ତିହିଡ଼ି,୧୬।୯ (ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ପାଳିଆବିନ୍ଧା ଗ୍ରାମରେ ଶନିବାର କବି ଓ ଚିତ୍ରଶିଳ୍ପୀ ସ୍ୱର୍ଗତ ଅଶୋକ କୁମାର ମହାନ୍ତିଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଶୋକ ମହାନ୍ତି ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ଉତ୍ସବର ପ୍ରଥମ ସୋପାନରେ ପାଳିଆବିନ୍ଧାସ୍ଥିତ କଳାଭବନ ପରିସରରେ ସ୍ୱର୍ଗତ ମହାନ୍ତିଙ୍କ ପ୍ରତିମୂର୍ତ୍ତିକୁ ଅତିଥିମାନେ ଅନାବରଣ କରିଥିଲେ। ପରେ ଡା. ଦୁର୍ଯ୍ୟୋଧନ ଦାସଙ୍କ ସଞ୍ଚାଳନରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଡ. ପ୍ରହ୍ଲାଦ ଚରଣ ମହାନ୍ତି, ମୁଖ୍ୟବକ୍ତା ପୂର୍ବତନ ଏମ୍‌ପି ଐର ଖାରବେଳ ସ୍ୱାଇଁ, ବରେଣ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଯୁଗଳ କିଶୋର ପଟ୍ଟନାୟକ, କବି ଡ. ହରିଶ୍ଚନ୍ଦ୍ର ବେହେରା, ଡ.ଶଶଧର ଦାସ, କବି ଶ୍ରୀଦେବ, ଡ. ମନୀନ୍ଦ୍ର ମହାନ୍ତି, କଥାକାର ପବିତ୍ର ପାଣିଗ୍ରାହୀ ଓ ପୂର୍ବତନ ସରପଞ୍ଚ ବସନ୍ତ କୁମାର ନାୟକ ଯୋଗ ଦେଇଥିଲେ। ଅଶୋକଙ୍କ ଚିତ୍ର ଏବଂ କବିତାରେ ଥିବା ଆବେଗ ଓ ସ୍ପନ୍ଦନ ସମସ୍ତଙ୍କୁ ଆକର୍ଷିତ କରିପାରୁଥିଲା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ଏହି ଅବସରରେ ସ୍ମାରକୀ ଗ୍ରନ୍ଥ 'ଅଶୋକାୟନ' ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଚିତ୍ରଶିଳ୍ପୀ କେଶୁ ଦାସ, ଶିକ୍ଷୟିତ୍ରୀ ଅବନ୍ତୀ ପୁହାଣ ଓ କବି କିଶୋର ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ କବି ଡ.ଅବନୀ ପ୍ରଧାନ, ଡ. ରାଧାରାଣୀ ମହାପାତ୍ର, ପ୍ରାଧ୍ୟାପକ କମଳାକାନ୍ତ ସ୍ୱାଇଁ, ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ କାଳିପଦ ପଣ୍ଡା ଓ ଭରତ ଚନ୍ଦ୍ର ଦାସ, କଥାକାର ନିବାରଣ ଜେନା ଓ ଚନ୍ଦ୍ରମୋହନ ମହାପାତ୍ର, ପ୍ରାଧ୍ୟାପକ କୀର୍ତ୍ତନ ଦାସ, ବିପିନ ବିହାରୀ ବିଶ୍ୱାଳ, ଅରୁଣ ଖିଲାର ପ୍ରମୁଖ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିଚାରଣ କରିଥିଲେ। ସୁଶ୍ରୀ ସଙ୍ଗୀତା ମହାପାତ୍ର ବେଦପାଠ କରିଥିବା ବେଳେ ଶିକ୍ଷାବିତ୍ ଅରୁଣ ମହାନ୍ତି ଧନ୍ୟବାଦ ଦେଇଥିଲେ। ସାମାଜିକ କର୍ମୀ ଅଜୟ ମହାନ୍ତି, ଅଶ୍ୱିନୀ ମହାନ୍ତି, ଅଞ୍ଜଳି ମହାନ୍ତି, ଲକ୍ଷ୍ମୀନାରାୟଣ ମହାନ୍ତି, ଦୀପକ କୁମାର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

# ସାଇବର କ୍ରାଇମ ସମ୍ପର୍କିତ ଆଲୋଚନାଚକ୍ର

ଭଦ୍ରକ,୧୬।୯(ସନାତନ ରାଉତ)

ଭଦ୍ରକ ଜିଲା ସଂସ୍କୃତି ଭବନରେ ଜିଲା ଆଇନ ପ୍ରାଧିକରଣ ସେବା ସଂସ୍ଥା ପକ୍ଷରୁ ସାଇବର କ୍ରାଇମ ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଓକିଲ ସଂଘ ସଭାପତି ନିରାକାର ଜେନା ଓ ବିଚାରପତି ଗିରିଜା ଶଙ୍କର ବାଗ ସମାଜରେ ବଢ଼ି ଚାଲିଥିବା ସାଇବର କ୍ରାଇମ୍ ପାଇଁ ଆଇଟି ଆକ୍ଟରେ ଥିବା ବିଭିନ୍ନ ଦଫା ୪୩, ୬୬, ୬୬ବି ବାବଦରେ ଅବଗତ କରିଥିଲେ। ପରେ ଷ୍ଟେଟ ବ୍ୟାଙ୍କ ଅଫିସର କାମିନୀ ରଞ୍ଜନ ଦଳେଇ ଓ ପୋଲିସ ଅଫିସର ବନ୍ଦନା ଦେବୀ ବ୍ୟାଙ୍କରେ ବଢ଼ି ଚାଲିଥିବା ଆର୍ଥିକ ଅପରାଧରୁ ରକ୍ଷା ପାଇବା ପାଇଁ ଅର୍ଥ ନେଣଦେଣ କରିବା ପୂର୍ବରୁ ପାସୱାର୍ଡ କାହାକୁ ନ ଦେବାକୁ ପରାମର୍ଶ ଦେଇଥିଲେ। ଓକିଲ ସଂଘ ସମ୍ପାଦକ ଦିବ୍ୟସିଂହ ନାୟକ କହିଥିଲେ, ସାଇବର ଅପରାଧରେ ଜଡ଼ିତ ହେଉଥିବା ଅପରାଧୀମାନଙ୍କୁ ଜାଣିବା କଷ୍ଟକର। ସାଧାରଣ ଲୋକଙ୍କର ବୈଷୟିକ ଜ୍ଞାନ ନ ଥିବାରୁ ସାଇବର କ୍ରାଇମ ବଢ଼ି ଚାଲିଛି। ଜିଲା ଆଇନ ପ୍ରାଧିକରଣ ସେବା ସଂସ୍ଥାର ବିଚାର ବିଭାଗୀୟ ଅଧିକାରିଣୀ ନେହା ଅଗ୍ରୱାଲ ସଭାପତିତ୍ୱ କରିଥିଲେ। ଆଇନଜୀବୀ ତାପସ ମହାନ୍ତି, ରାଜୀବ ବାରିକ, ଓକିଲ ସଂଘ ଉପସଭାପତି ମନୋରଞ୍ଜନ ଦାସ ଓ ଅଜୟ ମହାନ୍ତି ଯୋଗ ଦେଇଥିଲେ।

# ଯୁବକଙ୍କୁ ଭାଜପା ନେତାଙ୍କ ହତ୍ୟା ଧମକ

କେନ୍ଦୁଝର,୧୬।୯(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ ଶିରିପୁର ଗ୍ରାମରେ ଜନୈକ ଭାଜପା ନେତା ଜଣେ ଯୁବକଙ୍କୁ ହତ୍ୟା ଧମକ ଦେଇଛନ୍ତି। ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୁକ୍ତ ହେଲେ ବିଜେପି ନେତା ପ୍ରକାଶ ମଲ୍ଲିକ। ସେ ଭାଜପାର ପୂର୍ବତନ ବିଧାୟକ ପ୍ରାର୍ଥୀଙ୍କ ଅନୁଗତ ବୋଲି ଚର୍ଚ୍ଚା ହେଉଛି।

ପ୍ରକାଶ ଯେ, ଗତ ୭ ତାରିଖ ଦିନ ଅଭିଯୋଗକାରୀ ସୁଧିର ସର୍ଦ୍ଦାର ବିଲେଇପଦାରୁ ଘରକୁ ଫେରୁଥିଲେ। ବର୍ଷା ହେବାରୁ ମଥୁରାପୁର ଛକ ସନାରାମ ହାଇବୁରଙ୍କ ଘର ନିକଟରେ ଅଟକି ଥିଲେ। ଏହି ସମୟରେ ଉକ୍ତ ସ୍ଥାନରେ ପ୍ରକାଶ ମଲ୍ଲିକ ଓ ଅନ୍ୟ କେତେଜଣ ପୂର୍ବରୁ ଥିଲେ। ପ୍ରକାଶ ମଲ୍ଲିକଙ୍କୁ ଭାଇ କ'ଣ ଖବର ବୋଲି ପଚାରିବାରୁ ସେ ଉତ୍କ୍ଷିପ୍ତ ହୋଇ ଗାଳିଗୁଲଜ କରିଥିଲେ। ଦଳରୁ ବହିଷ୍କାର ହୋଇଥିବା ଲୋକଙ୍କ ସହିତ ମିଟିଂ କାହିଁକି କରୁଛ ବୋଲି କହିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଖରାପ ଭାଷାରେ ଗାଳିଗୁଲଜ କରିବାରୁ ସୁଧିର ଏହାର ପ୍ରତିବାଦ କରିଥିଲେ। ପ୍ରକାଶ ଗାଳିଗୁଲଜ କରିବା ସହ ହତ୍ୟାଧମକ ଦେଉଥିବା ଚମ୍ପୁଆ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗ ଆଧାରରେ ଏକ ମାମଲା (ନଂ.୧୪୨/୨୩)ରୁଜୁ କରିଛି। ଏଏସ୍‌ଆଇ ସୁଶାନ୍ତ କୁମାର ମାମଲାର ତଦନ୍ତ କରୁଛନ୍ତି। ଏହାକୁ ନେଇ ଦଳରେ ତିକ୍ତତା ବୃଦ୍ଧି ପାଉଥିବା ବେଳେ ବେଳେ ବରିଷ୍ଠ ନେତା ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

## ସୂଚନା ଆଇନ ଅଧିକାର ସାଜିଛି ରୋଜଗାରର ମାଧ୍ୟମ
# ଅଧିକାରୀଙ୍କୁ ଧମକ ଦେଇ ମାଲେମାଲ

ବାଲେଶ୍ୱର, ୧୬।୯(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲାର ବିଭିନ୍ନ ସରକାରୀ ବିଭାଗଗୁଡ଼ିକରେ ସୂଚନା ଆଇନ ଅଧିକାର ନିୟମ ବଳରେ ଦୋଷ ଦୁର୍ବଳତା ଥିବା କାର୍ଯ୍ୟର ସବିଶେଷ ତଥ୍ୟ ମାଗି ବିଭାଗୀୟ ଅଧିକାରୀଙ୍କୁ ଲକ୍ଷ ଲକ୍ଷ ଟଙ୍କା ଦାବି କରିବା ଏବେ ଚର୍ଚ୍ଚାର ବିଷୟ ସାଜିଛି। ଏଥିରେ ଜିଲା ପ୍ରଶାସନର ମୁଖ୍ୟ ଅଧିକାରୀମାନଙ୍କଠାରୁ ଆରମ୍ଭ କରି କିରାଣି ପର୍ଯ୍ୟନ୍ତ ପ୍ରମାଦ ଗଣୁଥିବା ଶୁଣିବାକୁ ମିଳୁଛି। କୌଣସି ବିଭାଗରେ ତ୍ରୁଟି ହେଉଥିବା ନେଇ ଜାଣିଲେ କେତେକ ବ୍ୟକ୍ତି ସଙ୍ଗେ ସଙ୍ଗେ ସୂଚନା ଆଇନ ଅଧିକାର ନିୟମ ବଳରେ ତଥ୍ୟ ମାଗିବା ଏକ ପେଶା ପାଲଟିଲାଣି। ସୂଚନା ପତ୍ର ପାଇବା ପରେ କିମ୍ବା ମାଗିଥିବା ସମୟରେ ଉକ୍ତ ବିଭାଗର ଅଧିକାରୀଙ୍କୁ ସୋସିଆଲ ମିଡ଼ିଆ ଓ ଗଣମାଧ୍ୟମରେ ପ୍ରଘଟ କରିବାର ଧମକ ଦେଇ ଲକ୍ଷ ଲକ୍ଷ ଟଙ୍କା ଦାବି କରୁଛନ୍ତି। ଆଉ ଏନେଇ କେତେକ ଅଧିକାରୀଙ୍କଠାରୁ ଅର୍ଥ ଲୁଟୁଥିବା ଚର୍ଚ୍ଚା ହେଉଛି।

୨୦୦୫ ମସିହାରେ ଆରମ୍ଭ ହୋଇଥିବା ଏହି ଆଇନ ଅନୁସାରେ ଲୋକମାନେ ସରକାରଙ୍କ ଦ୍ୱାରା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ବିବରଣୀ ପାଇପାରିବେ ଏବଂ ସହଜରେ ବୁଝିବା ଏହାର ମୂଳ ଉଦ୍ଦେଶ୍ୟ ରହିଥିଲା। ଏହି ନିୟମ ଅନୁସାରେ ଅଧିକାରୀ ଏବଂ ଜନସାଧାରଣଙ୍କ ମଧ୍ୟରେ ଉତ୍ତମ ବୁଝାମଣାରେ ଦେଶର ଉନ୍ନତି ସାଧିତ ହେବାର ଲକ୍ଷ୍ୟ ରଖାଯାଇଥିଲା। କିନ୍ତୁ ଏଭଳି ଏକ ଜନହିତକର ଆଇନ୍‌କୁ ଭିତ୍ତିକରି କେତେକେ ଟଙ୍କା ଉପାର୍ଜନର ମାଧ୍ୟମ ଭାବେ ବ୍ୟବହାର କରୁଥିବା ଜାଣିବାକୁ ମିଳିଛି।

ତେବେ ଏନେଇ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀଶଙ୍କର ଭୂୟାଁ କହିଛନ୍ତି, ଗତ ୨୦୦୫ରୁ ଲାଗୁ ହୋଇଥିବା ସୂଚନା ଆଇନ ଅଧିକାର ନିୟମ ଆଜକୁ ୧୮ବର୍ଷ ପୂରିଲାଣି। ଏଥିରେ ପ୍ରାୟତଃ କୌଣସି ପରିବର୍ତ୍ତନ ହୋଇନାହିଁ। କିଛି ଜଣାଶୁଣା ବ୍ୟକ୍ତି ଏହି ନିୟମାବଳୀରେ ଥିବା ଆଇନକୁ ଅପବ୍ୟବହାର କରୁଛନ୍ତି। ଯାହା ସମାଜ ପାଇଁ ହିତକର ନୁହେଁ। ଏହି ନିୟମକୁ ପରିବର୍ତ୍ତନ କରିବାର ସମୟ ପ୍ରାୟତଃ ପହଞ୍ଚିଛି। ବିଶେଷଜ୍ଞମାନଙ୍କ ଦ୍ୱାରା ନିୟମକୁ ତର୍ଜମା କରି ନୂତନ ଆଇନ ପ୍ରଣୟନ କଲେ ଆଜିର ସମୟରେ ଉପୁଜୁଥିବା ସମସ୍ୟା ଦୂର ହୋଇପାରିବାର ପ୍ରକାଶ କରିଥିଲେ।

# ୨୨ମାସ ବିତିଲା, ମିଳିଲାନି ବିପର୍ଯ୍ୟୟ ସହାୟତା ରାଶି

ଖଇରା, ୧୬।୯(ଉତ୍କଳବନ୍ଧୁ ପଣ୍ଡା)

ଖଇରା ବ୍ଲକ ମିରିପୁର ଖଇରା ଗ୍ରାମର ଦାଶରଥି ଶିଅଳଙ୍କ ୨ବର୍ଷର ଶିଶୁ ବର୍ଷାରାଣୀ ପାଣିରେ ପଡି ପ୍ରାଣ ହରାଇବାର ୨୨ମାସ ହୋଇଗଲାଣି, ବିପର୍ଯ୍ୟୟ ସହାୟତାକୁ ଚାହିଁ ମା' ବାପାଙ୍କ ଆଖିରୁ ଲୁହ ଶୁଖିଗଲାଣି। ସମସ୍ତ ପ୍ରମାଣପତ୍ର ଦାଶରଥି ଜମା କରି ସାରିଥିଲେ ହେଁ ଭୁବନେଶ୍ୱର ଫରେନ୍ସିକ ଲ୍ୟାବରୁ ଭିସେରା ରିପୋର୍ଟ ଆସିବାରେ ବିଳମ୍ବ ଏହି ପ୍ରାକୃତିକ ବିପର୍ଯ୍ୟୟ ସହାୟତା ମିଳିବାରେ ବାଧକ ସାଜିଛି। ସହାୟତା ରାଶି ମିଳୁ ନ ଥିବା ଯୋଗୁ ସରକାରୀ ବିଧିବ୍ୟବସ୍ଥାକୁ ନେଇ ମିରିପୁର ଖଇରା ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି । ୨୦୨୧ ନଭେମ୍ବର ୧୧ତାରିଖରେବର୍ଷା ଖେଳୁଥିବା ବେଳେ ବାଡି ପୋଖରୀରେ ବୁଡିଯାଇ ପ୍ରାଣ ହରାଇଥିଲେ। ସିମୁଳିଆ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୩୧/୨୧)ରୁଜୁ ହୋଇ ଏଭଳି ମୃତ୍ୟୁ ପ୍ରାକୃତିକ ବିପର୍ଯ୍ୟୟ ମୃତ୍ୟୁ ତାଲିକାରେ ଆସୁଥିବାରୁ ଆର୍ଥିକ ସହାୟତାର ପ୍ରଦାନର ନିୟମ ରହିଛି । ଖଇରା ତହସିଲଦାର ପ୍ରଶାନ୍ତ ମହାରଣା କହିଛନ୍ତି, ସମସ୍ତ କାର୍ଯ୍ୟ ସରିଛି । ଫରେନ୍ସିକ ଲ୍ୟାବରୁ ରିପୋର୍ଟ ଆସିବା ମାତ୍ରେ ତାଙ୍କୁ ସହାୟତା ମିଳିଯିବ।

# ୨ ଭ୍ୟାନ୍ ଜବତ, ୧୯ ଗୋରୁ ଉଦ୍ଧାର



ଗାଡ଼ିରେ ବନ୍ଧାହୋଇ ରହିଥିବା ଗୋରୁ।

ଘସିପୁରା,୧୬।୯(ନିରଞ୍ଜନ ସାହୁ)

କେନ୍ଦୁଝର ଜିଲା ଘସିପୁରା ଥାନା ଶାଳପଡ଼ା ବଜାର ନିକଟରେ ସ୍ଥାନୀୟ ବଜରଙ୍ଗ ଯୁବକମାନେ ବେଆଇନ୍ ଗୋରୁ ବୋଝେଇ ୨ ଭ୍ୟାନକୁ ଜବତ କରିଛନ୍ତି। ସେଥିରେ ଥିବା ୧୯ ଗୋରୁଙ୍କୁ ଉଦ୍ଧାର କରିଛନ୍ତି। ଜବତ ଗୋରୁ ଓ ଭ୍ୟାନ୍‌କୁ ଘସିପୁରା ପୋଲିସର ଜିମା ଦିଆଯାଇଛି। ଯାଜପୁର ଜିଲାର କନ୍ତର ହାଟରୁ ୨ ଭ୍ୟାନରେ ବେଆଇନ ଭାବେ ଗୋରୁ ବୋଝେଇ କରି ଅନ୍ୟ ରାଜ୍ୟକୁ ଚାଲାଣ ହେଉଥିଲା। କୌଣସି ସୂତ୍ରରୁ ସୂଚନା ପାଇ ବଜରଙ୍ଗ ଦଳ ଜିଲା ସଂଯୋଜକ ଚନ୍ଦନ ମହାରଣାଙ୍କ ନେତୃତ୍ୱରେ ଯୁବକମାନେ ଭ୍ୟାନକୁ ଅଟକ ରଖିଥିଲେ। ଦୁଇଟି ଭ୍ୟାନରେ ଅତି ଦୟନୀୟ ଅବସ୍ଥାରେ ୧୯ ଗୋଟି ଗୋରୁ ଚାଲାଣ ହେଉଥିଲେ। ଗୋରୁ ଗୁଡ଼ିକୁ ସୁରକ୍ଷିତ ଉଦ୍ଧାର କରାଯିବା ସହିତ ଭ୍ୟାନର ଚାଳକ ଦ୍ୱୟଙ୍କୁ ଘସିପୁରା ପୋଲିସ ଅଟକ ରଖି ପଚରାଉଚୁରା ଜାରି ରଖିଥିବା ଥାନା ଅଧିକାରୀ ବିବସ୍ୱ ପ୍ରଧାନ କହିଛନ୍ତି।

# ରାଷ୍ଟ୍ରୀୟ ଜନ ମଙ୍ଗଳ ସେବା ସଂଗଠନର ସମାବର୍ତ୍ତନ ଉତ୍ସବ

ଗୋପବନ୍ଧୁ ନଗର,୧୬।୯ (ଶାନ୍ତନୁ କୁମାର ମଡୁଆଳ)

ଗୋପବନ୍ଧୁନଗର ବ୍ଲକ୍ କୁଆମରା ପଞ୍ଚାୟତ ଡରକଡ଼ଦା ରାଷ୍ଟ୍ରୀୟ ମାଆ ପରିବାର ଆନୁକୂଲ୍ୟରେ ରାଷ୍ଟ୍ରୀୟ ଜନମଙ୍ଗଳ ସେବା ସଂଗଠନର ସମାବର୍ତ୍ତନ ଉତ୍ସବ ତଥା ନାଟ୍ୟକାର ମନୋରଞ୍ଜନ ଦାଶଙ୍କ ୬୨ତମ ଜୟନ୍ତୀ ପାଳିତ ହୋଇଯାଇଛି। ପୁରୁଣା ବାରିପଦାଠାରେ ଆୟୋଜିତ ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବେ ସମାଜସେବୀ ଶ୍ରଦ୍ଧାଞ୍ଜଳି ରାୟ, ମୁଖ୍ୟବକ୍ତା ଗୀତିକାର ପଦ୍ମଲୋଚନ ନନ୍ଦ ଯୋଗଦେଇ ନାଟ୍ୟକାର ଦାଶଙ୍କ ସଂଘର୍ଷମୟ ଜୀବନ ଉପରେ ବକ୍ତବ୍ୟ ରଖିଥିଲେ। ବିଭିନ୍ନ ଜିଲାରୁ ୩୧ କବି, କଳାକାର, ସାମାଜିକକର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମାଆ କଳା ବିକାଶ ପରିଷଦର ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ସାହୁ ଓ ରମାକାନ୍ତ ଦାସଙ୍କ ତତ୍ତ୍ୱାବଧାନରେ କାହାଣୀ ପରିବେଷଣ ହୋଇଥିଲା। ଏଥିରେ କୁନି କୁନି ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଡ. ଭାଗବତ ପ୍ରସାଦ ଦାସ ସଭାପତିତ୍ୱ ଓ ସଙ୍ଗଠନ ସଦସ୍ୟ ଜ୍ୟୋତି ରଞ୍ଜନ କଟୁଆଳ, ସୁକୁମାର ଗନ୍ତାୟତ, ଅମରେଶ ପାତ୍ର, ସୁମନ୍ତ ମହାଲିକ ପ୍ରମୁଖ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ସଙ୍ଗୀତା ସିଂହ ଜିଲ୍ଲା କଂଗ୍ରେସର ମୁଖ୍ୟ ମୁଖପାତ୍ର

କେନ୍ଦୁଝର,୧୬।୯(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର): କଂଗ୍ରେସ ଦଳର ଆଭିମୁଖ୍ୟ, ପ୍ରଚାର ଓ ପ୍ରସାର ପାଇଁ ଶନିବାର ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶରତ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ପୂର୍ବତନ ମନ୍ତ୍ରୀ ତଥା ପିସିସିର ମୁଖ୍ୟ ମୁଖପାତ୍ର ଗଣେଶ୍ୱର ବେହେରା ୩୩ ଗୋଟି ସାଙ୍ଗଠନିକ ଜିଲ୍ଲା କଂଗ୍ରେସର ମୁଖ୍ୟ ମୁଖପାତ୍ର ନିଯୁକ୍ତି କରିଛନ୍ତି । ଏଥିରେ କେନ୍ଦୁଝର ଜିଲ୍ଲା କଂଗ୍ରେସ କମିଟିର ମୁଖ୍ୟ ମୁଖପାତ୍ର ଭାବେ ମହିଳା କଂଗ୍ରେସ ନେତ୍ରୀ ତଥା



ଆଇନଜୀବୀ ସଙ୍ଗୀତା ସିଂହଙ୍କୁ ନିଯୁକ୍ତି କରାଯାଇଛି । ସଙ୍ଗୀତା ସିଂହ ପୂର୍ବରୁ ସରକାରୀ ମହିଳା ମହାବିଦ୍ୟାଳୟର ପୂର୍ବତନ ଛାତ୍ରୀ ସଂସଦର ସଭାନେତ୍ରୀ, ରାଜ୍ୟ ଛାତ୍ର କଂଗ୍ରେସର ପୂର୍ବତନ ଯୁଗ୍ମ ସମ୍ପାଦକ, ପୂର୍ବତନ ଜିଲ୍ଲା ମହିଳା କଂଗ୍ରେସର ସଭାନେତ୍ରୀ ଏବଂ ବର୍ତ୍ତମାନ ପିସିସି ସଦସ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ଏଥି ପାଇଁ ପିସିସି ସଭାପତି ଶରତ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ତଥା ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପିସିସି ମୁଖ୍ୟ ମୁଖପାତ୍ର ଗଣେଶ୍ୱର ବେହେରା, ବରିଷ୍ଠ କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ ଏବଂ ଜିଲ୍ଲା କଂଗ୍ରେସ ସଭାପତି ମୋହନ ପରିଡାଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ରୂପସା ଷ୍ଟେଶନରେ ଚାରାରୋପଣ

ରୂପସା, ୧୬।୯(ବାଞ୍ଛାନିଧି ଦେ)–ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ବାଲେଶ୍ୱର ଜିଲ୍ଲା ରୂପସା ରେଳଷ୍ଟେଶନ ପରିସରରେ ଚାରାରୋପଣ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ପୂର୍ଣ୍ଣଚନ୍ଦ୍ର ସାହୁ ପୌରୋହିତ୍ୟ କରିଥିଲେ। ପରିବେଶପ୍ରେମୀ ତଥା ଗଛ ମଣିଷ ରବୀନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଷ୍ଟେଶନ ପରିସରରେ ବିଭିନ୍ନ କିସମର ଚାରାରୋପଣ କରାଯାଇଥିଲା। ଷ୍ଟେଶନ ମ୍ୟାନେଜର ସତ୍ୟରଞ୍ଜନ ପାଣିଗ୍ରାହୀ, ରେଲୱେ ଷ୍ଟାଫ ଶୁଭେନ୍ଦୁ କୁମାର ଦାସ, ରଣଜିତ ବେହେରା, ବିଶ୍ୱଜିତ ଦେ, ଅଜିତ ରାଉତ ପ୍ରମୁଖ ଯୋଗଦେଇ ପରିବେଶ ସଚେତନତାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ଗଛ ମଣିଷ ରବୀନ୍ଦ୍ର ବେହେରା ପରିବେଶ ସମ୍ପର୍କିତ କବିତା ପାଠ କରିଥିଲେ। ବ୍ୟବସାୟୀ ଅଜୟ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ସ୍ୱେଚ୍ଛାସେବୀ ଉଜ୍ଜ୍ୱଳ ବେହେରା, ବାବୁଲି ପରିଡ଼ା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ନୀଳଗିରିକୁ ଜିଲା ଦାବି ତେଜିଲା




ନୀଳଗିରିକୁ ଜିଲା ଦାବିରେ ଅନୁଷ୍ଠିତ ଜନସମାବେଶ।

ନୀଳଗିରି, ୧୬।୯(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରିକୁ ସ୍ୱତନ୍ତ୍ର ଜିଲା ଘୋଷଣା କରିବା ଦାବିରେ ଜିଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ନୀଳଗିରି ହାଟଛକ ସ୍ଥିତ ବ୍ରିଟ୍ କଲ୍ୟାଣ ମଣ୍ଡପଠାରେ ଶନିବାର ବିଶାଳ ଜନସମାବେଶ ଅନୁଷ୍ଠିତ ହୋଇଯାଇଛି। ନୀଳଗିରିର ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀଙ୍କ ଆବାହକତ୍ୱରେ ସମାବେଶ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ରାଜନୈତିକ ଦଳର ନେତୃମଣ୍ଡଳୀ ଉପସ୍ଥିତ ରହି ନୀଳଗିରିକୁ ରାଜ୍ୟ ସରକାର ଜିଲା ଭାବେ ଘୋଷଣା କରନ୍ତୁ ବୋଲି ଦାବି କରିଥିଲେ। ସ୍ୱାଧୀନତା ପୂର୍ବରୁ ଯେଉଁ ନୀଳଗିରି ଏକ ସ୍ୱତନ୍ତ୍ର ରାଜ୍ୟ ରୂପେ ମାନ୍ୟତା ପାଇଥିଲା। ମିଶ୍ରଣ ପରେ ତାହା ବାଲେଶ୍ୱର ଜିଲା ଅଧୀନରେ ଏକ ଉପଖଣ୍ଡ ଭାବେ ପରିଗଣିତ ହେଲା। ମାତ୍ର ପରିବର୍ତ୍ତିତ ପରିସ୍ଥିତିରେ ନୀଳଗିରିର ସ୍ୱତନ୍ତ୍ରତା ସ୍ୱୀକୃତି ପୂର୍ବକ ଏହାକୁ ଏକ ଜିଲାର ମାନ୍ୟତା ପାଇଁ ଜନ ସମାବେଶ ଜରୁରୀ ବୋଲି ଷଡ଼ଙ୍ଗୀ ପ୍ରକାଶ କରିଥିଲେ। ଆମ ସମ୍ବିଧାନରେ ଜିଲା ମାନ୍ୟତାର ବୈଶିଷ୍ଟ ଥିବାରୁ ନୀଳଗିରି ଜନତା ଆଜି ନୀଳଗିରିକୁ ଏକ ଜିଲା ରୂପେ ଘୋଷଣା କରିବା ପାଇଁ ଏ ଜନସମାବେଶ ବୋଲି ବରିଷ୍ଠ ଆଇନଜୀବୀ କୃଷ୍ଣଚନ୍ଦ୍ର ନାୟକ ପ୍ରକାଶ କରିଥିଲେ। ନୀଳଗିରି ଭାରତ ବର୍ଷର ପ୍ରଥମ ଗଡ଼ଜାତ ଯାହା ପ୍ରଜାମାନେ ଆନ୍ଦୋଳନ କରି ନୀଳଗିରିର ତତ୍କାଳୀନ ରାଜାଙ୍କୁ ଭାରତରେ ସାମିଲ ହେବାକୁ ବାଧ୍ୟ କରିଥିଲେ ବୋଲି ନିରଞ୍ଜନ ବାରିକ ନିଜ ଭାଷଣରେ ଅନୁପ୍ରାଣିତ କରିଥିଲେ। ସମାବେଶରେ ବର୍ଷିୟାନ୍ ସିପିଆଇ ନେତା କୈଳାଶ ଚନ୍ଦ୍ର ପଣ୍ଡା, ରାମଚନ୍ଦ୍ର ବେହେରା, ପୁରୁଷୋତ୍ତମ ସେଠୀ, ମନୋରଞ୍ଜନ ବେହେରା, ରାଧାଗୋବିନ୍ଦ ଖଟୁଆ, ଦେବେନ୍ଦ୍ର ପଣ୍ଡା, ଗଦାଧର ପରିଡ଼ା ପ୍ରମୁଖ ମଞ୍ଚାସୀନ ରହି ନୀଳଗିରିକୁ ଜିଲା ଘୋଷଣା କରାଯାଉ ବୋଲି ମତପ୍ରକାଶ କରିଥିଲେ।

## ୫ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କଲେ ଜିଲାପାଳ



ଜିଲାପାଳଙ୍କ କାର୍ଯ୍ୟାଳୟରେ ସମ୍ବର୍ଦ୍ଧିତ ପ୍ରତିଭା।

ବାରିପଦା,୧୬।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାପାଳଙ୍କ କାର୍ଯ୍ୟାଳୟରେ ଶନିବାର ଜିଲାପାଳ ବିନୀତ ଭରଦ୍ୱାଜ ଜିଲାର ୫ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଜାତୀୟ ଜୁନିୟର ଫୁଟ୍‌ବଲ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଥିବା ବାରିପଦା ସ୍ପୋର୍ଟସ ହଷ୍ଟେଲର ବିଶାଳ ଟପୋ, ବାବୁଲି ନାୟକ, ସୁବ୍ରତ ଦାସ ଓ ଆଲୋକ ଦାସ ଏବଂ ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଚାନ୍ଦିନୀ ଖାତୁନଙ୍କୁ ପୁଷ୍ପଗୁଚ୍ଛ ଓ କିଟ୍‌ବ୍ୟାଗ ପ୍ରଦାନ କରି ଜିଲାପାଳ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ଫୁଟ୍‌ବଲ କୋଚ୍ ତଥା ଜିଲା କ୍ରୀଡ଼ା ଅଧିକାରୀ ଅବନୀ ମୋହନ ମହାନ୍ତି ଓ ସନ୍ତରଣ କୋଚ୍ ଅଜୟ ଦାସଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି। ମୟୂରଭଞ୍ଜ ଆଥ୍‌ଲେଟିକ ଆସୋସିଏଶନର ଉପସଭାପତି ମନୋଜ କୁମାର ସାଓ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, ସହସମ୍ପାଦକ ବୈଦ୍ୟନାଥ ରଥଙ୍କ ସହ ଚାନ୍ଦିନୀଙ୍କ ମାତାପିତା ପ୍ରମୁଖ ଉପସ୍ଥିତ ଥିଲେ।

## ଆନ୍ଦୋଳନକାରୀ ଶିକ୍ଷକଙ୍କ ପାଖରେ ପହଞ୍ଚିଲେ ବିଧାୟକ



ବାସୁଦେବପୁରରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଧାରଣାରତ ଶିକ୍ଷକଙ୍କୁ ଉଦ୍‌ବୋଧନ ଦେଉଛନ୍ତି।

ବାସୁଦେବପୁର/ଚାନ୍ଦବାଲି, ୧୬।୯
(ନାରାୟଣ ପ୍ରସାଦ ବାରିକ୍/କିଶାନ ପାତ୍ର)

୩ ଦଫା ଦାବିରେ ପ୍ରାଥମିକ ଶିକ୍ଷକମାନଙ୍କ ଆନ୍ଦୋଳନ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଭଦ୍ରକ ଜିଲା ବାସୁଦେବପୁର ବିଇଓଙ୍କ କାର୍ଯ୍ୟାଳୟ ସାମ୍ନାରେ ଆନ୍ଦୋଳନରତ ଶିକ୍ଷକଙ୍କ ନିକଟରେ ଶନିବାର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ପୂର୍ବତନ ସରପଞ୍ଚ ଦୀନବନ୍ଧୁ ଦାସ ପ୍ରମୁଖ ପହଞ୍ଚିଥିଲେ। ଶିକ୍ଷକଙ୍କ ଦାବି ପୂରଣ ଦିଗରେ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରି ଏକ ଉଚ୍ଚସ୍ତରୀୟ କମିଟି ଗଠନ କରି ସମସ୍ୟା ସମାଧାନ ପାଇଁ ଚିନ୍ତା କରୁଛନ୍ତି। ଶିକ୍ଷକମାନଙ୍କ ସମସ୍ୟାକୁ ରାଜ୍ୟ ସରକାର ସବୁବେଳେ ଗୁରୁତ୍ୱ ଦେଇ ଆସୁଛନ୍ତି ବୋଲି ବିଧାୟକ କହିଥିଲେ।

### ଚାନ୍ଦବାଲିରେ ସମର୍ଥନ ଜଣାଇଲା ଭାଜପା

ଚାନ୍ଦବାଲିରେ ଭାଜପା ନେତା ଆଇନଜୀବୀ ଉପେନ୍ଦ୍ର ରାଉଳ, ସାମାଜିକ କର୍ମୀ କାହ୍ନୁଚରଣ ବେହେରା, ବିଜୟ ବେହେରା, ଦିବେନ୍ଦୁ ମହାପାତ୍ର, ଅଭୟ ବଳ ଓ ମୀନକେତନ ବିଶ୍ୱାଳ ବିଇଓଙ୍କ ଅଫିସ ଆଗରେ ଶିକ୍ଷକଙ୍କ ଆନ୍ଦୋଳନରେ ଯୋଗଦେଇ ସମର୍ଥନ ଜଣାଇଛନ୍ତି। ଶିକ୍ଷକମାନଙ୍କ ଦାବି ରାଜ୍ୟ ସରକାର ତୁରନ୍ତ ଗ୍ରହଣ କରିନେବା ଉଚିତ୍ ବୋଲି ଭାଜପା ନେତାମାନେ କହିଥିଲେ। କେତେଦିନ ମୁଖ୍ୟମନ୍ତ୍ରୀ ମଉନ ରହିବେ ବୋଲି ଶିକ୍ଷକ ସଂଘ ପକ୍ଷରୁ ବରିଷ୍ଠ ଶିକ୍ଷକ ନେତା ପ୍ରଫୁଲ୍ଲ ଦାସ ଏକ ପ୍ରେସ୍ ବିବୃତିରେ ପ୍ରକାଶ କରିଛନ୍ତି। ଶିକ୍ଷକ ନେତା ପ୍ରଦୀପ ଦାଶ, ପ୍ରକାଶ ନାୟକ, ଅନୁପ ଦାସ, ଶଶିକାନ୍ତ ସାହୁ, ସୁଶାନ୍ତ ମଲ୍ଲିକ, ଶିବବ୍ରତ ରାଉତ, ସୁଶାନ୍ତ ପଣ୍ଡା, ଶ୍ରୀକାନ୍ତ ଦାସ ପ୍ରମୁଖ ସରକାରଙ୍କ ବୈମାତୃକ ନୀତି କହି ସମାଲୋଚନା କରିଥିଲେ।

## ଏନଏସ୍ ପୋଲିସ ହାଇସ୍କୁଲରେ ବିଶ୍ୱ ଓଜୋନ ଦିବସ

କେନ୍ଦୁଝର,୧୬।୯
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଏନ୍‌ଏସ୍ ପୋଲିସ ହାଇସ୍କୁଲରେ ଶନିବାର ବିଶ୍ୱ ଓଜୋନ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନୀ ସେଠୀଙ୍କ ଅଧ୍ୟକ୍ଷତାରେ ସଭାରେ ଏନର୍ଜି କ୍ଲବ୍ ଇନଚାର୍ଜ ବିଜୟ କୁମାର ବେହେରା ଉକ୍ତ ଦିବସର ତାତ୍ପର୍ଯ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ମଧୁସ୍ମିତା ଚକ୍ର, ସାଗରିକା ସାହୁ, ବିଜ୍ଞାନ ଶିକ୍ଷକ ବିବେକାନନ୍ଦ ରାଉତ ପ୍ରମୁଖ ଓଜୋନସ୍ତର ରନ୍ଧ୍ର ହେବାର କାରଣ ଏବଂ ଏହାକୁ କିପରି ସୁରକ୍ଷା ପ୍ରଦାନ କରାଯାଇପାରିବ ସେ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ୧୯୯୪ ଡିସେମ୍ବର ୧୯ ରେ ଜାତିସଂଘ ପ୍ରଥମ ଥର ବିଶ୍ୱ ଓଜୋନ ଦିବସ ପାଳନ କରିବାକୁ ଘୋଷଣା ପରେ ପ୍ରତି ବର୍ଷ ସେପ୍ଟେମ୍ବର ୧୬ ତାରିଖରେ ଏହି ଦିବସ ପାଳିତ ହୋଇଆସୁଛି। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଓଜୋନସ୍ତର ସମ୍ବନ୍ଧରେ ପ୍ରକଳ୍ପ କାର୍ଯ୍ୟ ପ୍ରତିଯୋଗିତା କରାଯାଇଥିଲା। ଶିକ୍ଷୟିତ୍ରୀ ମମତା ରାଣୀ ମହାନ୍ତ, ଯାତ୍ରୀ ମହାନ୍ତ, ଭାଗ୍ୟଶ୍ରୀ ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା



ନାଟକ ପରିବେଷଣ କରୁଥିବା ଛାତ୍ରୀଛାତ୍ର।

କେନ୍ଦୁଝର,୧୬।୯(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଡିଏନ ହାଇସ୍କୁଲ ଅଡିଟୋରିୟମରେ ଶୁକ୍ରବାର ଜିଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସର୍ବମୋଟ ୧୦ଟି ଦଳ ପ୍ରତିଯୋଗିତାରେ ଭାଗ ନେଇଥିଲେ। ମୁଖ୍ୟ ବିଚାରକ ଭାବେ ଦଧିବାମନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରାଧ୍ୟାପକ ଡ. କୁଳମଣି ପ୍ରଧାନ, ଡିଆଇଇଟି କେନ୍ଦୁଝରର ସିନିୟର୍ ଏଜୁକେଟର ତଦାଶା ତଟିନୀ ପଣ୍ଡା ଯୋଗଦେଇ ନାଟକ ପ୍ରତିଯୋଗିତାର ମୂଲ୍ୟାୟନ କରିଥିଲେ। ମୁଖ୍ୟ ଅତିଥିଭାବେ ଅତିରିକ୍ତ ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ଯୋଗଦେଇ ବିଜେତା ଦଳଗୁଡ଼ିକୁ ପୁରସ୍କୃତ କରିବା ସହ ଛାତ୍ରୀଛାତ୍ର ଅଭିନୟ ମନସ୍କ ହେବା ପାଇଁ ଉତ୍ସାହିତ କରିଥିଲେ। ଜିଲା ବିଜ୍ଞାନ ପରିଦର୍ଶକ ପରମେଶ୍ୱର ମହାନ୍ତଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏବଂ ଡିଏନ ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରବୀର କୁମାର ମହାନ୍ତିଙ୍କ ଉଦ୍ୟମ ତଥା ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ପ୍ରଚେଷ୍ଟାରେ ନାଟକ ପ୍ରତିଯୋଗିତାର ସଫଳ ରୂପାୟନ ହୋଇଥିଲା। ପ୍ରତିଯୋଗିତାରେ ଢେଙ୍କିକୋଟ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଥମ, ଡିଏନ ହାଇସ୍କୁଲ ଦ୍ୱିତୀୟ, ତେଲକୋଇ ଦୋବଲାପାଳ ହାଇସ୍କୁଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରତିଯୋଗୀତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଢେଙ୍କିକୋଟ ବାଳିକା ଉଚ୍ଚ ବିଦ୍ୟାଳୟ ଜୋନାଲସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛି।

## ଶାନ୍ତିଶୃଙ୍ଖଳାର ସହ ପାଳନକୁ ଗୁରୁତ୍ୱ

### ଯୋଡ଼ାର ପ୍ରସିଦ୍ଧ ଲକ୍ଷ୍ମୀପୂଜା ପାଇଁ ପ୍ରସ୍ତୁତି ବୈଠକ

ଯୋଡ଼ା,୧୬।୯(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ାର ପ୍ରସିଦ୍ଧ ଲକ୍ଷ୍ମୀପୂଜା ନିମନ୍ତେ ପ୍ରଥମ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ ବୁଧବାର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କମିଟି ସଭାପତି ଶ୍ରୀନିବାସ ସାହୁ ଅଧ୍ୟକ୍ଷତା କରିଥିଲେ। ୨୦୨୨ ଲକ୍ଷ୍ମୀପୂଜା ଆୟବ୍ୟୟର ହିସାବ କରାଯାଇଥିଲା। ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ମା'ଙ୍କ ମୃଣ୍ମୟୀ ମୂର୍ତ୍ତୀ ତିଆରି କରି ପୂଜାର୍ଚ୍ଚନା କରାଯାଇ ଆସୁଥିବା ବେଳେ ଏବେ ଭବ୍ୟ ମନ୍ଦିର ନିର୍ମାଣ କରାଯାଇ ମା'ଙ୍କୁ ପୂଜାର୍ଚ୍ଚନା କରାଯାଉଛି। ଆସନ୍ତା ନଭେମ୍ବର ୧୨ ତାରିଖରୁ ପୂଜା ଆରମ୍ଭ ହେଉଥିବା ବେଳେ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ବୈଠକରେ ଆଲୋଚନା ହୋଇଥିଲା। ଲକ୍ଷ୍ମୀ ପୂଜା ଖଣି ଅଞ୍ଚଳ ଯୋଡ଼ାର ଗର୍ବ ଓ ଗୌରବ ହୋଇଥିବାରୁ ଶାନ୍ତି ଶୃଙ୍ଖଳାର ସହିତ ଆୟୋଜନ କରିବାକୁ ଲକ୍ଷ୍ମୀପୂଜା କମିଟିର ସଭାପତି ଶ୍ରୀନିବାସ ସାହୁ ସମସ୍ତ କର୍ମକର୍ତ୍ତାମାନଙ୍କୁ ନିବେଦନ କରିଥିଲେ। ପୂଜା ସମୟରେ ଟ୍ରାଫିକ ନିୟନ୍ତ୍ରଣର ବ୍ୟବସ୍ଥା, ସହରକୁ ପରିଷ୍କାର ପରିଚ୍ଛନ୍ନ, ନାଳ ନର୍ଦ୍ଦମା ସଫା, ଲାଇଟର ବ୍ୟବସ୍ଥା, ଅଧିକ ପାନୀୟ ଜଳ ଯୋଗାଣ, ଡ୍ରେନ ଓ ରାସ୍ତା ମରାମତି, ପୂଜା ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ରାତ୍ର ୧୧ ପର୍ଯ୍ୟନ୍ତ ପୂଜା ଉତ୍ସବ ପାଳନ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ସଦସ୍ୟ ଦୁଃଶାସନ ସାହୁ, କମିଟି ଉପସଭାପତି ନୀଳମଣୀ ମହାନ୍ତି, ସମ୍ପାଦକ ରବି ନାରାୟଣ ଦାସ, ଯୁଗ୍ମ ସମ୍ପାଦକ ହୃଷିକେଶ ଜେନା, କୋଷାଧ୍ୟକ୍ଷ ଭୋଳାନାଥ ସାହୁ, ସଦସ୍ୟ ସୁଶାନ୍ତ ବାରିକ, ଦଶରଥ ବାରିକ, ପୁରୁଷୋତ୍ତମ ଦାସ, ମୁକେଶ ସିଙ୍ଘାନିଆ, କୈଳାଶ ସେଣ୍ଠ, ବିଦ୍ୟାଧର ସାହୁଙ୍କ ସହ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ଧାରଣାସ୍ଥଳରେ ଶିକ୍ଷକଙ୍କୁ ଭେଟିଲେ ଭାଜପା ମୁଖପାତ୍ର



ଧାରଣାସ୍ଥଳରେ ଭାଜପା ମୁଖପାତ୍ର ଠାକୁର ରଞ୍ଜିତ ଦାସ।

ଖଇରା,୧୬।୯(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ସରକାରୀ ଶିକ୍ଷକମାନେ ୩ଦଫା ଦାବୀ ପୂରଣ ପାଇଁ ୭ଦିନ ଧରି ଧାରଣାରେ ବସିଛନ୍ତି। ଧାରଣାକାରୀଙ୍କ ସମର୍ଥନରେ ଆଗେଇ ଆସିଛନ୍ତି ରାଜ୍ୟ ଭାଜପା ମୁଖପାତ୍ର ଠାକୁର ରଞ୍ଜିତ ଦାସ। ଶନିବାର ପୂର୍ବାହ୍ନରେ ସେ ଧାରଣାସ୍ଥଳକୁ ଯାଇ ଶିକ୍ଷକନେତାମାନଙ୍କ ସହ ଆଲୋଚନା କରିବା ପରେ ସମସ୍ତ ଦାବିକୁ ସମର୍ଥନ ଜଣାଇ ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ତୁରନ୍ତ ଏହାକୁ ପୂରଣ କରିବାକୁ ଗଣମାଧ୍ୟମ ଜରିଆରେ ସରକାରଙ୍କୁ ଜଣାଇଛନ୍ତି । ସୁପ୍ରିମକୋର୍ଟ ସମାନ କାମକୁ ସମାନ ଦରମା ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ସରକାର ଏହାକୁ ଗୁରୁତ୍ୱ ନେବା, ଠିକା ପ୍ରଥା ଉଠିଗଲା ବୋଲି କହି ପୁଣି ଠିକାରେ ନିଯୁକ୍ତିକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଏଭଳିକି ନିଜେ ଅଭିଭାବକମାନଙ୍କୁ ନେଇ ଧାରଣାରେ ବସିବାକୁ ଚେତାବନୀ ଦେଇଛନ୍ତି।

## ଅନ୍ତର୍ଜାତୀୟ ଓଜୋନ ଦିବସ

ଭଦ୍ରକ,୧୬।୯ (ସନାତନ ରାଉତ)

ଜୀବଜଗତ ଉପରେ ସୂର୍ଯ୍ୟଙ୍କର ଅତି ବାଇଗଣୀ ରଶ୍ମିର କୁପ୍ରଭାବ ରହିଛି ଓ ଏହାକୁ ପ୍ରତିହତ କରିବା ପାଇଁ ଓଜୋନ୍ ସ୍ତରର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ଅନ୍ତର୍ଜାତୀୟ ଓଜୋନ୍ ଦିବସ ପାଳନ ଅବସରରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକଙ୍କ ଅଧ୍ୟକ୍ଷତା ଓ ଶିକ୍ଷକ ମନୋଜ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ ଓ ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ପଙ୍କଜ ବଳ ଯୋଗ ଦେଇଥିଲେ। ଛାତ୍ରୀ ଅର୍ଚ୍ଚିତା ଖୁଣ୍ଟିଆ ଓ ବିମଳା ଖୁଣ୍ଟିଆ ବକ୍ତବ୍ୟ ରଖି ଓଜୋନ୍ ସ୍ତରର ସୁରକ୍ଷା ନିମନ୍ତେ ଅନ୍ୟ ଛାତ୍ରୀଛାତ୍ରଙ୍କୁ ନିବେଦନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରାଚୀର ପତ୍ରିକା ସୃଜନିକା ଓ କଳା ପ୍ରଦର୍ଶନୀ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଶିକ୍ଷା କର୍ମଚାରୀ ସହଯୋଗ କରିଥିବା ବେଳେ ଶିକ୍ଷକ ବିଜୟ ବେହେରା ଧନ୍ୟବାଦ ଦେଇଥିଲେ।




ଭଦ୍ରକ ସରକାରୀ ହାଇସ୍କୁଲରେ ଓଜୋନ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି।

## ଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଶୁଭ ଆବିର୍ଭାବ ଦିବସ



ଜଳେଶ୍ୱର, ୧୬।୯(ରବିନାରାୟଣ ପାତ୍ର)

ଆଧ୍ୟାତ୍ମିକ ଚିନ୍ତା ଚେତନର ପରମପୁରୁଷ ଶ୍ରୀଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୬ତମ ଶୁଭ ଆବିର୍ଭାବ ଦିବସ ଜଳେଶ୍ୱରସ୍ଥିତ ସତ୍‌ସଙ୍ଗ ବିହାର ପରିସରରେ ପାଳିତ ହୋଇଛି । ସହପ୍ରତିରିତିକ ମୂରଲୀଧର ଦାସ, ଯାଜକ ଶ୍ରୀମନ୍ତ ଘୋଷ, ଜଳନ୍ଧର ସାହୁ ଓ ହରିପଦ କରଙ୍କ ଆହ୍ୱାନରେ ମନ୍ଦିର ପରିସରରେ ବର୍ଣ୍ଣାଢ୍ୟ ଉତ୍ସବ ଅନୁଷ୍ଠିତ ହୋଇଛି । ସାଧାରଣ ସଭାରେ ଶ୍ରୀ ଅନୁକୂଳ ଚନ୍ଦ୍ରଙ୍କ କର୍ମମୟ ଜୀବନ, ଆଧ୍ୟାତ୍ମିକତା, ସମାଜ ସଂସ୍କାର ଓ ସତ୍‌ସଙ୍ଗ ସମ୍ପର୍କରେ ଆଲୋଚନା ହୋଇଥିଲା । ସହରିତିପ୍ରତିକ କେଦାର ନାଥ ମହାନ୍ତିଙ୍କ ସଭାପତିତ୍ୱରେ ଅବସରପ୍ରାପ୍ତ ଅଧ୍ୟକ୍ଷ ପରିମଳ ରଞ୍ଜନ ଭୂୟାଁ, ଗଣେଶ ଚନ୍ଦ୍ର ଜେନା, ରାସବିହାରୀ ଚକ୍ରବର୍ତ୍ତୀ, କାହ୍ନୁଚରଣ ମହାନ୍ତି, ସନ୍ତୋଷ କୁମାର ଜେନା, ଭୂବନାନନ୍ଦ ରାଉଳ, ସାନ୍ତନୁ ସେନାପତି ଓ ଗୋପାଳ ସେନାପତି ପ୍ରମୁଖ ଠାକୁରଙ୍କ ଅଲୌକିକ ଦିବ୍ୟଚେତନା ସମ୍ପର୍କରେ କହିଥିଲେ । ଭୋର ୫ଟା ୩ରେ ପ୍ରାତଃ ବିନତୀ, ଅମର ସତ୍‌ସଙ୍ଗ, ଗ୍ରନ୍ଥ ପାଠ, ସମବେତ ପ୍ରାର୍ଥନା, ମାତୃ ସମ୍ମିଳନୀ ଓ ସଙ୍ଗୀତାଞ୍ଜଳୀ ଅନୁଷ୍ଠିତ ହୋଇଥିଲା । ଏଥିରେ ଓଡିଶା ଓ ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରୁ ଗୁରୁ ଭାଇ, ଶ୍ରଦ୍ଧାଳୁ ଓ ଅନୁକୂଳପ୍ରେମୀମାନେ ଉପସ୍ଥିତ ହୋଇଥିଲେ ।

## ଅଚଳ କଣ୍ଟ୍ରୋଲ ରୁମ୍, ଚିନ୍ତାରେ ଜିଲାବାସୀ

କେନ୍ଦୁଝର,୧୬।୯(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲାରେ ଲଗାଣ ବର୍ଷା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଏଭଳି ସମୟରେ ଜିଲା କାର୍ଯ୍ୟାଳୟରେ ଥିବା କଣ୍ଟ୍ରୋଲ ରୁମ୍ ଚଳିତ ମାସ ୧ ରୁ ୩୦ ତାରିଖ ପର୍ଯ୍ୟନ୍ତ ଖୋଲା ରଖିବା ସହ ପରିଚାଳନା ନିମନ୍ତେ କର୍ମଚାରୀଙ୍କୁ ପାଳି କରି ଦାୟିତ୍ୱ ଦିଆଯାଇଛି। ଏଥି ପାଇଁ ୦୬୭୬୬ ୨୫୫୪୩୭ ନମ୍ବର୍ ଜାରି କରାଯାଇଛି। କିନ୍ତୁ ଉକ୍ତ ଫୋନ ଚାଲୁ ନ ଥିବାରୁ କଣ୍ଟ୍ରୋଲ ରୁମ୍‌ରେ କର୍ମଚାରୀମାନେ ବସି କେବଳ ଡ୍ୟୁଟି ସମ୍ପାଦିତ କରୁଥିବା କହିଛନ୍ତି। ବର୍ଷା ଯୋଗୁ ଜିଲାରେ ବ୍ୟାପକ କ୍ଷୟକ୍ଷତି ହେବା ଆଶଙ୍କା ପ୍ରକାଶ ପାଇଛି। ଫୋନ ଅଚଳ ଯୋଗୁ ସହାୟତା ମାଗିବା ପାଇଁ କିମ୍ୱା ସୂଚନା ଦେବା ପାଇଁ ଲୋକେ ସମସ୍ୟା ଭୋଗୁଥିବା କହିଛନ୍ତି। ସେହିପରି ମୋବାଇଲ ନମ୍ବରକୁ ଫୋନ୍ କଲେ ବାବୁମାନେ ଉଠାଉ ନ ଥିବାରୁ ଚିନ୍ତା ବ୍ୟକ୍ତ କରୁଛନ୍ତି। ତୁରନ୍ତ ଅଚଳ କଣ୍ଟ୍ରୋଲ ରୁମ୍‌କୁ ଟେଲିଫୋନ୍ ସଚଳ କରିବାକୁ ଜିଲାପାଳ ପଦକ୍ଷେପ ନିଅନ୍ତୁ ବୋଲି ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ ଦାବି କରିଛନ୍ତି।

